## ସଂକ୍ଷେପରେ

### ଜାତୀୟ କନିଷ୍ଠ ମେଧାବୃତ୍ତି ପାଇଲେ ଅଙ୍କିତା



**ବ୍ରହ୍ମପୁର ଅଫିସ,୨୧।୧୨:** କନିଷ୍ଠ ବର୍ଗ ଓଡିଶୀ ନୃତ୍ୟ ବିଭାଗରେ ବ୍ରହ୍ମପୁର ତଥା ଗଞ୍ଜାମ କଳା ପରିଷଦର ଛାତ୍ରୀ ଅଙ୍କିତା ମହାରଣା ଜାତୀୟ କନିଷ୍ଠ ମେଧାବୃତ୍ତି ୨୦୧୮-୧୯ ପାଇଁ ଚୟନ ହୋଇଛନ୍ତି। ଅଗଷ୍ଟ ମାସରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଙ୍କିତା ଏହି ଯୋଗ୍ୟତା ହାସଲ କରିଛନ୍ତି। ଗଞ୍ଜାମର କନିଷ୍ଠ ବର୍ଗରେ ଏକମାତ୍ର ନୃତ୍ୟଶିଳ୍ପୀ ଭାବେ ସେ ଏହି ଯୋଗ୍ୟତା ହାସଲ କରିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କେନ୍ଦ୍ରାପଡା ବାଲିକିରା ନିବାସୀ ରଶ୍ମିତା ମହାରଣା ଓ ଅଜୟ କୁମାର ମହାରଣାଙ୍କ କନ୍ୟା ଅଙ୍କିତା ବ୍ରହ୍ମପୁରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନୃପୁରରୁ ଓଡିଶୀ ନୃତ୍ୟରେ ବିଶାରଦ ପ୍ରଥମ ବର୍ଷରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପୂର୍ବରୁ ଗୁରୁ ମଞ୍ଜୁ ନାୟକ ଓ ଏବେ ଗୁରୁ ପ୍ରଦୀପ ରଥ ଏବଂ ଅଭୟ ପରିଡାଙ୍କଠାରୁ ସେ ଶିକ୍ଷା ଗ୍ରହଣ କରୁଛନ୍ତି । ଗଞ୍ଜାମ କଳା ପରିଷଦ ଓ ନୃପୁର ଅନୁଷ୍ଠାନ ପକ୍ଷରୁ ଅଙ୍କିତାଙ୍କୁ ଶୁଭେଚ୍ଛା ଜଣାଯାଇଛି ।

### କୋର୍ଟପେଟା ସ୍କୁଲର ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ,୨୧।୧୨:** କୋର୍ଟପେଟାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ରୋଟାରି କ୍ଲବର ଗଭର୍ନର୍ ପ୍ରଫେସର ଡ. ନାରାୟଣ ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ରୋଟାରିୟାନ୍ ଆଶା ମିଶ୍ର ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ମଲ୍ଲିକାର୍ଜୁନ୍ ବେବର୍ତ୍ତା ବାର୍ଷିକ ବିବରଣୀ ପାଠ କରିଥିଲେ। ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର ଅଧକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୮୧ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ସୂର୍ଯ୍ୟନାରାୟଣ ଶତପଥୀ ବେଦପାଠ କରିଥିଲେ । ଶିକ୍ଷକ କେଦାରନାଥ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରମୋଦ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ ରାଧାନାଥ ପାଢ଼ୀ, ଅନିତା ପ୍ରଧାନ, ମାଳବିକା ପାଢ଼ୀ, ଇନ୍ଦ୍ରମଣି ଦେବୀ, ସବିତା ଚୌଧୁରୀ, ମମତା ପାତ୍ର, ରିତାରାଣୀ ଦାସ, ଅଞ୍ଜନା ପ୍ରଧାନ, ଏମ୍. ସୀମାଞ୍ଚଳ, ଦିଲୀପ କୁମାର ଦାସ, ଲାବଣ୍ୟ ସାବତ, ଝୁନୁ ବେଜ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

■ ପିଜି ଛାତ୍ରଙ୍କୁ ରୋଗୀ ସମ୍ପର୍କୀୟଙ୍କ ଦୁର୍ବ୍ୟବହାର ନେଇ ଉତ୍ତେଜନା

# ୫ ଘଣ୍ଟା ପରେ ସ୍ୱାଭାବିକ ହେଲା ସ୍ଥିତି

**ବ୍ରହ୍ମପୁର ଅଫିସ,୨୧।୧୨**

ବ୍ରହ୍ମପୁର ବଡ଼ ମେଡିକାଲରେ ଗୁରୁବାର ରାତିରେ ପିଜି ଡାକ୍ତରୀ ଛାତ୍ରଙ୍କୁ ରୋଗୀ ସମ୍ପର୍କୀୟ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ପ୍ରାୟ ୫ ଘଣ୍ଟା ଯାଏଁ ଉତ୍ତେଜନା ପ୍ରକାଶ ପାଇଥିଲା । ମେଡିକାଲରେ ୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବା ସହ ବହୁ ବୁଝାଶୁଝା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି ।

ପ୍ରକାଶ ଯେ, କନିଷି ଅଞ୍ଚଳରେ ସାପ କାମୁଡ଼ାରେ ଗୁରୁତର ହୋଇଥିବା ଜଣେ ବ୍ୟକ୍ତିଙ୍କୁ ନେଇ ୧୦ରୁ ଉର୍ଦ୍ଧ୍ୱ ଯୁବକ ବଡ ମେଡିକାଲକୁ ଆସିଥିଲେ । ଗୁରୁତର ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ପରେ ଡାକ୍ତର କିଛି ପରାମର୍ଶ ଦେଇଥିଲେ । ଏହି ସମୟରେ ବିଷ ପିଇ ଗୁରୁତର ହୋଇଥିବା ଅନ୍ୟ ଜଣଙ୍କୁ କାଜୁଆଲଟିରେ ଡାକ୍ତରମାନେ ଦେଖି ତାଙ୍କୁ ଏକ ଟେବୁଲରେ ପକାଇ ଦେଇଥିଲେ । ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ଗୁହାରି କରୁଥିଲେ ମଧ୍ୟ କେହି ନ ଶୁଣି ନ ଥିଲେ। ତେଣୁ ସେମାନେ କନିଷି ଅଞ୍ଚଳର ଯୁବକମାନଙ୍କୁ କହିଥିଲେ । ଯୁବକମାନଙ୍କ ମଧ୍ୟରୁ ଜଣେ ଟେବୁଲରେ ପଡ଼ିଥିବା ରୋଗୀଙ୍କ ଫଟୋ ଓ ଭିଡିଓ ନିଜ ମୋବାଇଲରେ ଉତ୍ତୋଳନ କରିଥିଲେ । କାଜୁଆଲଟିରେ ଥିବା ପିଜି ଡାକ୍ତରୀ ଛାତ୍ର ଜଣକ ଏହାକୁ ବାରଣ କରିବାରୁ ଯୁବକମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ ବୋଲି ଅଭିଯୋଗ ହୋଇଛି । ପରେ ଅନ୍ୟ ପିଜି ଛାତ୍ରମାନେ ସେଠାରେ ପହଞ୍ଚି ଯୁବକମାନଙ୍କ ସହ ଯୁକ୍ତିତର୍କ କରିଥିଲେ। ମେଡିକାଲ ଫାଣ୍ଡି ପୋଲିସ ପହଞ୍ଚି ଉକ୍ତ ଯୁବକମାନଙ୍କୁ ଅଟକ ରଖିଥିଲା। ଯୁବକମାନେ ଭୁଲ ମାଗନ୍ତୁ ଓ ମୋବାଇଲରୁ ଫଟୋ ଏବଂ ଭିଡିଓକୁ ଡିଲିଟ୍ କରିବାକୁ ପିଜି ଛାତ୍ରମାନେ ଜିଦ୍ କରିଥିଲେ । ମେଡିକାଲ ଫାଣ୍ଡିରେ ଅଟକ ଥିବା ଯୁବକମାନଙ୍କ ମଧ୍ୟରେ ଜଣେ ଆଇନଜୀବୀ ଏବଂ ଜଣେ ଭାଜପା ନେତା ଥିଲେ । ଖବରପାଇ ବିଳମ୍ବିତ ରାତିରେ ଭାଜପା ନେତା ବିଭୂତି ଭୂଷଣ ଜେନା ଏବଂ ରାମ ପାତ୍ରଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ କର୍ମୀ ବୈଦ୍ୟନାଥପୁର ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପିଜି ଛାତ୍ରମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହି ସମୟରେ କିଛି ପିଜି ଛାତ୍ର ଥାନା ସମ୍ମୁଖ ରାସ୍ତା ଦେଇ ଯାଉଥିବା ବେଳେ ଭାଜପା କର୍ମୀମାନଙ୍କ ସହିତ ମୁହାଁ ମୁହିଁ ହୋଇଥିଲେ । ଭାଜପା କର୍ମୀମାନେ ଆକ୍ରମଣ କରିଥିବା ଅଭିଯୋଗ କରି ସମସ୍ତ ପିଜି ଛାତ୍ର ଏକାଠି ହୋଇ ବୈଦ୍ୟନାଥପୁର ଥାନା ଓ ବଡମେଡିକାଲ ପରିସରରେ ହୋହଲ୍ଲା କରିଥିଲେ । ଫଳରେ ପରିସ୍ଥିତି ଅଣାୟତ୍ତ ଆଡକୁ ଚାଲିଯାଇଥିଲା । ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ପ୍ରଭାତ ରାଉତରାୟ, ଆଇଆଇସି ଜୟ କୃଷ୍ଣ ପଟ୍ଟନାୟକ ଏବଂ ଗୋଷାଣୀନୂଆଗାଁ ଥାନା ଆଇଆଇସି କୁଳମଣି ସେଠୀଙ୍କ ସମେତ ୪ ପ୍ଲାଟୁନ୍ ପୋଲିସ ଫୋର୍ସ ସେଠାରେ ପହଞ୍ଚିଥିଲା । ପ୍ରାୟ ୫ ଘଣ୍ଟା ପର୍ଯ୍ୟନ୍ତ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବାରେ ପରିସ୍ଥିତି ଶାନ୍ତ ପଡିଥିଲା ।



ବଡମେଡିକାଲ ପରିସରରେ ମୁତୟନ ହୋଇଥିବା ପୋଲିସ ଫୋର୍ସ।

■ ଲାଞ୍ଚ ନେଇ ଗିରଫ ହୋଇଥିଲେ

# ଜେଲରୁ ମୁକୁଳିଲେ କନିଷ୍ଠ କିରାଣି

**ବ୍ରହ୍ମପୁର ଅଫିସ,୨୧।୧୨**

ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଧରାକୋଟ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର କନିଷ୍ଠ କିରାଣି ଅନିଲ କୁମାର ଜେନା ଶୁକ୍ରବାର ସନ୍ଧ୍ୟାରେ ଜେଲରୁ ମୁକୁଳିଛନ୍ତି। ଭିଜିଲାନ୍ସ ପକ୍ଷରୁ କୋର୍ଟରେ କେସ ଡାଏରୀ ଦାଖଲ କରାଯିବା ପରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଇଶାନ୍ କୁମାର ଦାସ ଜାମିନ ଆବେଦନର ଶୁଣାଣି କରିଥିଲେ। କିରାଣି ଜେନାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିବା ଆଇନଜୀବୀ ପ୍ରସାଦ ପଟ୍ଟନାୟକ ଏବଂ ପ୍ରଦୀପ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ବଡ ଡାବିଲି ୟୁ.ଜି.ହାଇସ୍କୁଲର ସହକାରୀ ଶିକ୍ଷକ ନାରାୟଣ ସେଠୀ ବ୍ଲକ ଶିକ୍ଷାଧିକାରୀଙ୍କ ଅନୁମତି ନେଇ କୌଣସି କାର୍ଯ୍ୟ ପାଇଁ ଛୁଟିରେ ଯାଇଥିଲେ। ତେବେ ଉକ୍ତ ଛୁଟି ଦରମା ପାସ୍ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ଅନିଲ୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଏ ନେଇ ଶିକ୍ଷକ ଜଣକ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ଭିଜିଲାନ୍ସ ପକ୍ଷରୁ ନଂ. ୫୨/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା ।

# ସମବାୟ ସହନିବନ୍ଧକଙ୍କ ଅଫିସ ଆଗରେ ଧାରଣା



ଧାରଣାସ୍ଥଳରେ ଭାଜପା କର୍ମୀ ଓ ସମର୍ଥକ।

**ବ୍ରହ୍ମପୁର ଅଫିସ,୨୧।୧୨**

ସମବାୟ ବିଭାଗର ବ୍ରହ୍ମପୁରସ୍ଥିତ ସହକାରୀ ନିବନ୍ଧକଙ୍କ ଅଫିସ ଆଗରେ ଦିଗପହଣ୍ଡି ଅଞ୍ଚଳର ଭାଜପା କର୍ମୀ ଓ ସମର୍ଥକ ଶୁକ୍ରବାର ଗଣଧାରଣା ଦେଇଥିଲେ । ଭାଗଚାଷୀଙ୍କୁ ସମବାୟ ଋଣ ଲଗାଣରେ ହୋଇଥିବା ପାତରଅନ୍ତର ନୀତିର ପ୍ରତିବାଦ ଏବଂ ଗୌଡ଼ଗାଁ ସେବା ସମବାୟ ସମିତିକୁ ବରଖାସ୍ତ ଦାବି ନେଇ ଏହି ଆନ୍ଦୋଳନ ହୋଇଥିଲା । ଦିଗପହଣ୍ଡି ବିଧାୟକ ସମବାୟ ମନ୍ତ୍ରୀ ହୋଇଥିବାରୁ ତାଙ୍କ ସମର୍ଥକମାନେ ବେଆଇନ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ଶ୍ରୀକାନ୍ତ ପାଢ଼ୀଙ୍କ ନେତୃତ୍ୱରେ ରଘୁନାଥ ପାଣିଗ୍ରାହୀ, ସଂଗ୍ରାମ ପାଢ଼ୀ, ସଦା ସାହୁଙ୍କ ସମେତ ଅନେକ ଚାଷୀ ଧାରଣାରେ ସାମିଲ ହୋଇଥିଲେ। ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ନିବନ୍ଧକଙ୍କୁ ଦାବିପତ୍ର ଦିଆଯାଇଥିଲା। ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେଥିରେ ଦର୍ଶାଯାଇଛି । ଯେଉଁ ଅଯୋଗ୍ୟ ବ୍ୟକ୍ତି ସମବାୟ ଋଣ ନେଇଛନ୍ତି ସେମାନଙ୍କ ଠାରୁ ଟଙ୍କା ଆଦାୟ କରିବାକୁ ମଧ ଦାବି ହୋଇଛି । ସୂଚନାଯୋଗ୍ୟ ଜିଲାପାଳଙ୍କୁ ସମବାୟ ବିଭାଗର ଅତିରିକ୍ତ ନିବନ୍ଧକ ଦାୟିତ୍ୱ ଦିଆଯାଇଛି ।

# ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ




ଉତ୍କଳ ଗ୍ରାମୀଣ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ବ୍ରହ୍ମପୁର ଅଫିସ,୨୧।୧୨**

କେନ୍ଦ୍ର ସରକାରଙ୍କ ନୀତିକୁ ବିରୋଧ ଏବଂ ବ୍ୟାଙ୍କ ଅଧିକାରୀଙ୍କ ବିଭିନ୍ନ ଦାବିକୁ ନେଇ ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେସନ୍(ଏଆଇବିଓସି) ତରଫରୁ ଶୁକ୍ରବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିଲା। ଏଥିରେ ବ୍ରହ୍ମପୁରସ୍ଥିତ ସରକାରୀ ବ୍ୟାଙ୍କଗୁଡ଼ିକର ଅଧିକାରୀମାନେ ସାମିଲ୍ ହୋଇଥିଲେ ।

ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅଫିସର ସଂଘ ତରଫରୁ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବ୍ୟାଙ୍କ ସମ୍ମିଶ୍ରଣକୁ ବିରୋଧ ସହ କର୍ମଚାରୀଙ୍କ ବେତନ ସଂଶୋଧନ, ସପ୍ତାହକୁ ୫ ଦିନ ବ୍ୟାଙ୍କିଙ୍ଗ୍ କାରବାର, ଅନାଦେୟ ଋଣ ଆଦାୟକୁ ଗୁରୁତ୍ୱ ଆଦି ନେଇ ଏହି ଧର୍ମଘଟ କରାଯାଇଥିଲା । ସର୍ବ ଭାରତୀୟ ଗ୍ରାମୀଣ ବ୍ୟାଙ୍କ ଅଫିସର୍ସ ସଂଘର ସହସଂପାଦକ ନଳିନୀ କାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ମଧୁସୂଦନ ରାଓ, ସାଗରିକା ପ୍ରଧାନ, ସୁଧୀର କୁମାର, ସନାତନ ବେହେରା, ଭଗବାନ ସାହୁ, ଯତିନ୍ ପଣ୍ଡା ପ୍ରମୁଖ ଧର୍ମଘଟରେ ସାମିଲ୍ ହୋଇଥିଲେ । ସେହିପରି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିକାରୀ ସଂଘ ତରଫରୁ ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଅବସରପ୍ରାପ୍ତ ଅଧିକାରୀ ଏବଂ ପାରିବାରିକ ପେନ୍‌ସନ୍ ବୃଦ୍ଧି, ସମସ୍ତ ଅଧିକାରୀଙ୍କୁ ବେତନ ସମ୍ବନ୍ଧୀୟ ରାଜିନାମାରେ ଅନ୍ତର୍ଭୁକ୍ତ କରିବା, ନିର୍ଦ୍ଦିଷ୍ଟ ସମୟ ସୀମାରେ କାର୍ଯ୍ୟ କରିବା ଓ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକର ମିଶ୍ରଣକୁ ବିରୋଧ ଆଦି ପ୍ରସଙ୍ଗରେ ଏହି ଧର୍ମଘଟ କରାଯାଇଥିଲା । ସଂଘର ବ୍ରହ୍ମପୁର ମଣ୍ଡଳ ସଭାପତି ରବୀନ୍ଦ୍ର କୁମାର ରଥ ଏବଂ ସମ୍ପାଦକ ସୋମନାଥ ନନ୍ଦଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ୍ ହୋଇଥିଲେ ।

### ମୃତକଙ୍କ ପରିବାରକୁ ଡିଏଲଏସଏ ଦ୍ୱାରା କ୍ଷତିପୂରଣ ପ୍ରଦାନ

**ବ୍ରହ୍ମପୁର ଅଫିସ,୨୧।୧୨:** ଜଣେ ମୃତକଙ୍କ ପରିବାରକୁ ଗଞ୍ଜାମ ଜିଲା ଆଇନ ସେବା ପ୍ରାଧୀକରଣ କମିଟି (ଡିଏଲଏସଏ) ଦ୍ୱାରା କ୍ଷତିପୂରଣ ପ୍ରଦାନ କରାଯାଇଛି। ୨୦୧୬ ଜୁଲାଇ ୧୨ରେ ବ୍ରହ୍ମପୁର କାଲୁପାତ୍ର ସାହିର ସୁନିତା ସାହୁଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିଲା। ବଡବଜାର ଥାନା ପୋଲିସ ଏହାର ତଦନ୍ତ ଆରମ୍ଭ କରାଯାଇଥିଲା। ମାମଲାଟି ଜିଲା ଜଜ୍‌ଙ୍କ ଅଧୀନରେ ବିଚାରାଧୀନ ଥିଲା । ମାମଲାର ବିଚାର କରି ତତ୍କାଳୀନ ଜିଲାଜଜ୍ ମୃତକଙ୍କ ଦୁଇ ପୁତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଆଦେଶ ଦେଇଥିଲେ । ପରେ ପ୍ରାଧିକରଣ ଦ୍ୱାରା ଗଠିତ କମିଟିରେ ଉକ୍ତ ମାମଲାରେ ୨ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରାଧିକରଣ ଅଧକ୍ଷ ବିଭୂପ୍ରସାଦ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧୀକରଣ ସଚିବ ବିଜୟ କୁମାର ଦାସଙ୍କ ଦ୍ୱାରା ମୃତକଙ୍କ ୨ ପୁଅ ସନତ କୁମାର ସାହୁ ଏବଂ ଚନ୍ଦନ କୁମାର ସାହୁଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ଓଡିଶା ପୀଡ଼ିତା କ୍ଷତିପୂରଣ ଅଧିନିୟମ ଅନୁସାରେ ପ୍ରଦାନ କରାଯାଇଛି।

# ଦୃଷ୍ଟିହୀନ ବିଦ୍ୟାର୍ଥୀଙ୍କୁ ଶୀତବସ୍ତ୍ର ବଣ୍ଟନ

**ବ୍ରହ୍ମପୁର ଅଫିସ,୨୧।୧୨**

ସ୍ଥାନୀୟ ଆମ୍ବପୁଆସ୍ଥିତ ରେଡ୍‌କ୍ରସ ଦୃଷ୍ଟିହୀନ ବିଦ୍ୟାଳୟରେ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ବ୍ରହ୍ମପୁରର ବରିଷ୍ଠ ଚିକିତ୍ସକ ଡା. ଚନ୍ଦ୍ରମଣି ସ୍ୱାଇଁ, ଲେଖିକା ଜ୍ୟୋସ୍ନାରାଣୀ ସ୍ୱାଇଁ ଓ ଇଂଲଣ୍ଡରେ ଅବସ୍ଥାପିତ ସସ୍ମିତା ସ୍ୱାଇଁ ଯୋଗଦେଇ ନିଜ ଜନ୍ମଦିନ ଉପଲକ୍ଷେ ଅଧ୍ୟୟନରତ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ । ଏହି ଅବସରରେ ସସ୍ମିତାଙ୍କ ଆତ୍ମୀୟ ସ୍ୱଜନଙ୍କ ସମେତ ବିଦ୍ୟାଳୟ ଅଧକ୍ଷ ନରେଶ କୁମାର ପଟ୍ଟନାୟକ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ବିଦ୍ୟାର୍ଥୀମାନେ ସଙ୍ଗୀତ ଓ ନୃତ୍ୟ ପରିବେଶଣ କରିଥିଲେ । ଅସିତ କୁମାର ସ୍ୱାଇଁ ଓ ରୀତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

# ୨୩ରେ ପହଞ୍ଚିବ କ୍ରାନ୍ତି ଯାତ୍ରା

**ବ୍ରହ୍ମପୁର ଅଫିସ,୨୧।୧୨**

ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିଫଳତା ଏବଂ ଦେଶରେ ବୃଦ୍ଧି ପାଉଥିବା ହିଂସା ବିରୋଧରେ ନିଖିଳ ଭାରତ ଯୁବ କଂଗ୍ରେସ ତରଫରୁ ଯୁବ କ୍ରାନ୍ତି ଯାତ୍ରା କନ୍ୟାକୁମାରୀଠାରୁ କଶ୍ମୀର ପର୍ଯ୍ୟନ୍ତ ଯାତ୍ରା କରୁଛି । ଆସନ୍ତା ୨୩ ତାରିଖରେ ଏହି ଯାତ୍ରା ଓଡ଼ିଶାର ଗିରିସୋଲା ଠାରେ ପହଞ୍ଚିବ । ଅଭିଯାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଯୁବ କଂଗ୍ରେସ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଶୁକ୍ରବାର କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁହାଯାଇଛି । ଯାତ୍ରାକୁ ଏକ ବାଇକ୍ ଶୋଭାଯାତ୍ରାରେ ବ୍ରହ୍ମପୁର ଯାଏଁ ପାଛୋଟି ଅଣାଯିବ । ଏଥିରେ ବହୁ ସଂଖ୍ୟାରେ ଯୁବ ଏବଂ ଛାତ୍ର କଂଗ୍ରେସର କର୍ମୀମାନେ ସାମିଲ୍ ହେବେ । କେନ୍ଦ୍ର ସହ ରାଜ୍ୟ ସରକାରଙ୍କ ବିଫଳତା ସଂପର୍କରେ ଲୋକଙ୍କୁ ସଚେତନ କରାଯିବ। ବ୍ରହ୍ମପୁର ଠାରେ ଏହି ଯାତ୍ରାକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ଯୁବ କଂଗ୍ରେସର ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀ ସଭାପତି ବିଶ୍ୱଜିତ ପାତ୍ର, ଓଡ଼ିଶା ଇନଚାର୍ଜ ରିୟାଜୁଲ ଅନ୍‌ସାରି, ଓଡ଼ିଶା ଉପସଭାପତି କମଳ ଚରଣ ତାଣ୍ଡି, ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀ ସଭାପତି ଅନିଲ ପରିଡ଼ା, ଜିଲା କଂଗ୍ରେସ କମିଟି ସଭାପତି ତ୍ରିନାଥ ବେହେରା, କାର୍ଯ୍ୟକାରୀ ସଭାପତି ଦୀପକ ପଟ୍ଟନାୟକ, ଏ.ସୁଜିତ କୁମାର, ଆର୍. କାଶି, ରାଜ୍ ପାଣିଗ୍ରାହୀ, ସୁନୀଲ ମହାଙ୍କୁଡ଼, ଜଗନ୍ନାଥ ପାଣିଗ୍ରାହୀ ଏବଂ ଚିନ୍ମୟ ହୋତା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

**ବ୍ରହ୍ମପୁର ଅଫିସ,୨୧।୧୨**

ଗଞ୍ଜାମ ଜିଲା କଂଗ୍ରେସ କମିଟିର ପରିବର୍ଦ୍ଧିତ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ବ୍ରହ୍ମପୁରସ୍ଥିତ ବାପୁଜୀ ଆଶ୍ରମରେ ଅନୁଷ୍ଠିତ ହୋଇଥିଲା । ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଓ ଭାଜପା ସହ ଲଢ଼େଇ ଜୋରଦାର ପାଇଁ କର୍ମକର୍ତ୍ତା ଓ କର୍ମୀମାନେ ଏବେଠୁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦିଆଯାଇଥିଲା। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ମିଛ ପ୍ରତିଶ୍ରୁତି ଏବଂ ରାଜ୍ୟର ନବୀନ ପଟ୍ଟନାୟକ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ନିର୍ବାଚନୀ ପ୍ରସଙ୍ଗ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଗଞ୍ଜାମ ଜିଲାରେ ବିକାଶ ଗୁରୁତର ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ କରାଯାଇଥିଲା । ଏହି ଜିଲାରୁ ପ୍ରତିନିଧିତ୍ୱ କରୁଥିବାରୁ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସିଧା ଦାୟୀ କରାଯାଇଛି । ବୈଠକରେ ଜିଲା ସଭାପତି ଡ଼ା. ତ୍ରିନାଥ ବେହେରା ଅଧକ୍ଷତା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ଦୀପକ ପଟ୍ଟନାୟକ, ସାକା ସୁଜିତ, ସନ୍ତୋଷ ନାୟକ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ। ଜିଲା ପ୍ରଭାରୀ ଶୁଭେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ । ଦେଶର ଅଖଣ୍ଡତା ଓ ଧର୍ମ ନିରପେକ୍ଷତା ବଜାୟ ପାଇଁ କଂଗ୍ରେସ ସଂକଳ୍ପବଦ୍ଧ ହୋଇଥିବାରୁ ସଦ୍ୟସମାପ୍ତ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ରାଜ୍ୟର ବିଧାନସଭା ନିର୍ବାଚନରେ ଦଳର ସଫଳତା ମିଳିଥିବା ମତ ପ୍ରକାଶ ପାଇଥିଲା। ଏଥିପାଇଁ ଜାତୀୟ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା । ଜାନୁୟାରୀରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଗଞ୍ଜାମ ଗସ୍ତ ନେଇ ଆଲୋଚନା କରାଯାଇଥିଲା । ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ, ଭୋକାଲି ସେଠୀ, ସୀତାରାମ ପାଣିଗ୍ରାହୀ, ଦେବୀ ବିଶୋୟୀ, ଧର୍ମରାଜୁ, ଗୋକୁଳ କର, ସାଇରାମ ପାତ୍ର, ଅନିଲ ପରିଡ଼ା, ବିଶ୍ୱଜିତ ପାତ୍ର, ତ୍ରିଲୋଚନ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲା କଂଗ୍ରେସ ବୈଠକରେ ମଞ୍ଚାସୀନ ନେତାମାନେ।




**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ନୂଆପାଟଣା ଶାଖା / ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନଦାରଙ୍କ ନାମ ଓ ଠିକଣା/ ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀନିବାସ ଧଳ, ପିତା: ୰ ଲିଙ୍ଗରାଜ ବିକ୍ରମସିଂହ, ସା/ପୋ: ଖୁଣ୍ଟକଟା, ଭାୟା: ବଡ଼ମ୍ବା, ଜିଲ୍ଲା: କଟକ | ଜାମିନ୍‌ଦାର: ଶ୍ରୀ ମନୋଜ କୁମାର ବିକ୍ରମସିଂହ, ପିତା: ଶ୍ରୀନିବାସ ଧଳ, ସା/ପୋ: ଖୁଣ୍ଟକଟା, ଭାୟା: ବଡ଼ମ୍ବା, ଜିଲ୍ଲା: କଟକ / ସମ୍ପତ୍ତିର ମାଲିକ: ଶ୍ରୀନିବାସ ଧଳ | ଶ୍ରୀନିବାସ ଧଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଖୁଣ୍ଟକଟା, ଖାତା ନଂ.: ୭୯୭, ପ୍ଲଟ୍ ନଂ.: ୧୫୦୬/୫୬୩୧, ୧୫୦୬/୫୬୩୬ ଏବଂ ୧୫୦୬/୫୬୩୩, ଯଥାକ୍ରମେ କ୍ଷେତ୍ର: ଏକର୦.୦୩ଡିସିମିଲି, ଏକର୦.୦୨ଡିସିମିଲି ଏବଂ ଏକର୦.୦୨ଡିସିମିଲି, କିସମ: ଘରବାରୀ । | ୧୧.୦୯.୨୦୧୮ | ୧୭.୧୨.୨୦୧୮ | ୨୬.୦୭.୨୦୧୮ ସୁଦ୍ଧା ଟ.୫,୬୨,୯୦୬/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ତାରିଖ: ୨୦.୧୨.୨୦୧୮, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଆରଡିସି କଲୋନୀ ବିଦ୍ୟାଳୟର ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ,୨୧।୧୨:** ସ୍ଥାନୀୟ ଶିଳ୍ପାଞ୍ଚଳସ୍ଥ ଆରଡିସି କଲୋନୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଏମସିର ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ ଏଥିରେ ମୁଖ୍ୟଅତିଥି ରୂପେ ଯୋଗ ଦେଇ ପ୍ରାଥମିକ ସ୍ତରରୁ ଗୁଣାତ୍ମକ ଶିକ୍ଷା ଲାଭ କରିବାକୁ ସେ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ସାମାଜିକ କର୍ମୀ ଭାଗୀରଥି ମହାରଣା ସମ୍ମାନିତ ଅତିଥି ଓ ଲାଇଫ ଲାଇନ ସଭାପତି ସୁଦାମ ଦାସ ମୁଖ୍ୟବକ୍ତା ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତା ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ପଟ୍ଟନାୟକ, ସୁପ୍ରଭା ସାହୁ, ଜ୍ୟୋତିର୍ମୟୀ ଦାସ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସୂର୍ଯ୍ୟମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । କମଳ ଲୋଚନ ପଣ୍ଡା, ବନିତା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### କାଠ କାରିଗର ସଂଘ ବୈଠକ

ବ୍ରହ୍ମପୁର ଅଫିସ,୨୧।୧୨: ଗଞ୍ଜାମ ଜିଲା କାଠ କାରିଗର ସଂଘ ବୈଠକ ସୁକୁଣ୍ଡା ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ଉପସଭାପତି ତଥା ମହୁରୀ ତାଲୁକା କାର୍ଯ୍ୟକାରୀ ସଭାପତି ଭାଗୀରଥି ମହାରଣା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆଇନଜୀବୀ ପ୍ରମୋଦ କୁମାର ସାହୁ, ଉପଦେଷ୍ଟା ଶ୍ରୀନିବାସ ପଟ୍ଟନାୟକ, ମହୁରୀ ତାଲୁକା ଉପଦେଷ୍ଟା ସୁରେନ୍ଦ୍ର ନାଥ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲା କାଠ କାରିଗର ସଂଘ ସଦସ୍ୟଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବା ସହ ଅତିଥିଙ୍କ ଦ୍ୱାରା ବାର୍ଷିକ କ୍ୟାଲେଣ୍ଡର୍ ଉନ୍ମୋଚନ କରାଯାଇଥିଲା । ଏଥିରେ ସଂଘ ସଭାପତି ଜଗନ୍ନାଥ ଆଚାରୀ, କାର୍ଯ୍ୟକାରୀ ସଭାପତି ଶରତ ମହାରଣା, ଉପସଭାପତି ପଦ୍ମ ମହାରଣା ଓ ଶଙ୍କର ଆଚାରୀ, ଆବାହକ ଶ୍ରୀନିବାସ, ରବୀନ୍ଦ୍ର ମହାରଣା, ଉପଦେଷ୍ଟା ଉଦୟନାଥ ମହାରଣା, ପ୍ରଫୁଲ୍ଲ ମହାରଣା, ସୋମନାଥ ମହାରଣା, ଯୁଗ୍ମ ସମ୍ପାଦକ ଜଗନ୍ନାଥ ମହାରଣା, ଜିତୁ ମହାରଣା, ସଂଯୋଜକ ସଞ୍ଜୟ ମହାରଣା, ନରେଶ ମହାରଣା, କୋଷାଧ୍ୟକ୍ଷ ମୁରଲୀ ମହାରଣା ଓ ଭଗବାନ ମହାରଣା ପ୍ରମୁଖ କାଠ କାରିଗର ଯୋଗ ଦେଇଥିଲେ । ସମ୍ପାଦକ ବିଦ୍ୟାଧର ମହାରଣା ଧନ୍ୟବାଦ ଦେଇଥିଲେ ।

### ଅଣଶିକ୍ଷକ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ

ବ୍ରହ୍ମପୁର ଅଫିସ,୨୧।୧୨:ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ସଂଘର ଏକ ସ୍ୱତନ୍ତ୍ର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ସିନେଟ ହଲ ପରିସରରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସମ୍ପାଦକ ଭଗବାନ ସାହୁଙ୍କ ଅଧକ୍ଷତା କରିଥିଲେ । ଡ. ସୁନିଲ କୁମାର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ୨୦୧୮-୧୯ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଦୁର୍ଗା ଚରଣ ହେତାଙ୍କୁ ସଭାପତି ଓ ବିଶ୍ୱ ବିହାରୀ ବିଷୋୟୀ ଏବଂ ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କୁ ଉପସଭାପତି ଭାବେ ଚୟନ କରାଯାଇଥିଲା । ସେହିପରି ଭଗବାନ ସାହୁ ସାଧାରଣ ସମ୍ପାଦକ, ସନ୍ତୋଷ ବେହେରା ଓ କେଶବ ମଲ୍ଲିକ ସମ୍ପାଦକ ଏବଂ ସି.ଏଚ. ହରିନାଥଙ୍କୁ କୋଷାଧକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି । ଉପେନ୍ଦ୍ର ନାରାୟଣ ମହାପାତ୍ର, କାହ୍ନୁଚରଣ ପଣ୍ଡା, ଏନ. ରମେଶ, ସୁରେନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପାଢୀ, ସୁଶାନ୍ତ କୁମାର ପଣ୍ଡା, ପ୍ରଦୀପ କୁମାର ନାୟକ, ସାବିତ୍ରୀ ଦେବୀ, ଗଣେଶ ଚନ୍ଦ୍ର ସାହୁ ପ୍ରମୁଖ ସଂଘର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ।

### ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

ପାରଳାଖେମୁଣ୍ଡି, ୨୧।୧୨(ସ୍ୱ.ପ୍ର): ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଗଜପତି ଷ୍ଟାଡିୟମରେ ଶୁକ୍ରବାର ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲାପାଳ ଅନୁପମ ଶାହା ଯୋଗଦେଇ କହିଥିଲେ ଯେ, ଶୃଙ୍ଖଳିତ ଓ ନିଷ୍ଠାର ସହ କ୍ରୀଡ଼ାଭ୍ୟାସ ଦ୍ୱାରା ସଫଳ ଖେଳାଳି ସୃଷ୍ଟି ହୋଇପାରିବେ । ଜିଲା କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀ ଯୋଗଦେଇ କହିଥିଲେ, ୨୨ଟି ଇଭେଣ୍ଟରେ କନିଷ୍ଠ ଓ ବରିଷ୍ଠ ବିଭାଗ ଇତ୍ୟାଦି ୫ଟି ଗ୍ରୁପ୍‌ରେ ମୋଟ ୧୭୬ଜଣ ପ୍ରତିଯୋଗୀ ଭାଗନେଇଛନ୍ତି । ଏମାନଙ୍କ ମଧ୍ୟରୁ ୩୧ଜଣ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ଜଣାପଡିଛି ।

## ■ ଏନଓସି ଅଭାବରୁ ମିଳୁନି ପଟ୍ଟା

# ସମାଧାନ ନ ହେଲେ ଭୋଟ ବର୍ଜନ ଚେତାବନୀ

ବ୍ରହ୍ମପୁର ଅଫିସ, ୨୧।୧୨



ଦାବିପତ୍ର ପ୍ରଦାନ ଅବସରରେ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ଅଞ୍ଚଳବାସୀ ।

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅନ୍ତର୍ଗତ ୧୦ନଂ. ୱାର୍ଡରୁ ୧୩ ନଂ ୱାର୍ଡ ମଧ୍ୟରେ ଥିବା ରଙ୍ଗୁଣୀବନ୍ଧ, ଶଙ୍ଖାରୀ ସାହି, ନୃସିଂହ ମନ୍ଦିର ସାହି, ମେଦିରି ସାହି, ଗାଡିୱାରୀ ସାହିରେ ଦୀର୍ଘବର୍ଷ ରହି ଆସୁଥିବା ଲୋକଙ୍କୁ ପଟ୍ଟା ମିଳି ନ ଥିବା ଅଭିଯୋଗ ହୋଇଛି । ବ୍ରହ୍ମପୁର ତହସିଲ ଅନ୍ତର୍ଗତ ମହାମାୟୀପୁର ମୌଜାରେ ରହିଥିବା ଏହି ଅଞ୍ଚଳବାସୀ ସରକାରଙ୍କ ସମସ୍ତ ପ୍ରକାର କର ଓ ଖଜଣା ଦେଉଛନ୍ତି । ମାତ୍ର ମ୍ୟୁନିସିପାଲିଟି ତଥା ମହାନଗର ନିଗମ ନାମରେ ଉକ୍ତ ସ୍ଥାନରେ ରେକର୍ଡ ଅଫ ରାଇଟ ରହିଥିବାରୁ ପଟ୍ଟା ମିଳିବାରେ ସମସ୍ୟା ହେଉଥିବା ଅଞ୍ଚଳବାସୀ କହିଛନ୍ତି । ତେଣୁ ବିଏମସି ପକ୍ଷରୁ ଏନଓସି ପ୍ରଦାନ କରାଯିବାକୁ ଦାବି କରାଯାଇଛି । ଏ ନେଇ ଶୁକ୍ରବାର ଅଞ୍ଚଳବାସୀ ବିଏମସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ କହିବାନୁଯାୟୀ, ୧୯୩୧ ମସିହାରେ ବ୍ରହ୍ମପୁର ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିଲା । ଏହି ଅଞ୍ଚଳଗୁଡିକର ବିକାଶ କରିବା ନେଇ ତତ୍କାଳୀନ ଚେୟାରମ୍ୟାନ ଏନ. ସୀତାରାମ ସ୍ୱାମୀ ମାଡ୍ରାସ ପ୍ରେସିଡେନ୍ସିରୁ ଅନୁମତି ଆଣି ନିଲାମ ଜରିଆରେ ମ୍ୟୁନିସିପାଲିଟି ଜମି ବିକ୍ରି କରିଥିଲେ । ସେହିବର୍ଷ ଜଏଣ୍ଟ ସବରେଜିଷ୍ଟ୍ରର କୋର୍ଟରେ ରେଜିଷ୍ଟ୍ରେଶନ ଜରିଆରେ ଅଞ୍ଚଳବାସୀ ଉକ୍ତ ଜମି କ୍ରୟ କରିଥିଲେ । କିନ୍ତୁ ସେ ସମୟରୁ ଜମିର ରେକର୍ଡ ଅଫ ରାଇଟ ମ୍ୟୁନିସିପାଲିଟି ତଥା ମହାନଗର ନିଗମ ଅଧୀନରେ ରହିଛି । ଯାହା ଯୋଗୁଁ ବର୍ତ୍ତମାନ ତହସିଲ କାର୍ଯ୍ୟାଳୟରେ ପଟ୍ଟାପାଇଁ ଅବେଦନ କଲେ ବିଏମସିର ଏନଓସିର ଅବଶ୍ୟକତା ଥିବା ଦର୍ଶାଇ ଆବେଦନ ପତ୍ରକୁ ଖାରଜ କରାଯାଉଛି । ବର୍ତ୍ତମାନ ସରକାର ଜାଗା ଯୋଜନାରେ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ସାଧାରଣ ନିର୍ବାଚନ ବର୍ଜନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ ସମସ୍ୟାର ସମାଧାନ ପାଇଁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ କମିଶନର ସମୟ ମାଗିଥିବା ସୂଚନା ମିଳିଛି ।

# ଓଏଏସ୍ ୧୬ ତମ ସ୍ଥାନରେ ରୋଶନ

ଢେଙ୍କାନାଳ ଅଫିସ,୨୧।୧୨



ରୋଶନ ଶତପଥୀ ।

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ସଦାଶିବପୁର ଗ୍ରାମର ରୋଶନ ଶତପଥୀ(୨୮) ଚଳିତ ଓଏଏସ ପରୀକ୍ଷାରେ କୃତିତ୍ୱ ହାସଲ କରି ୧୬ ତମ ସ୍ଥାନରେ ରହିଛନ୍ତି । ରୋଶନ ବ୍ରହ୍ମପୁରସ୍ଥିତ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଙ୍ଗ ସ୍କୁଲରେ କେମିକାଲ ଇଞ୍ଜିନିୟରିଙ୍ଗ୍ ବିଭାଗର ଅଧ୍ୟାପକ ଅଛନ୍ତି । ସେ ୨୦୧୩ରୁ ୨୦୧୫ ମସିହା ପର୍ଯ୍ୟନ୍ତ ପିପିଏଲ୍ ପାରାଦୀପରେ କାର୍ଯ୍ୟରତ ଥିଲେ । ସଦାଶିବପୁର ଗ୍ରାମର ସୁପ୍ରଭା ଶତପଥୀ ଓ ମନମୋହନ ଶତପଥୀଙ୍କର ସେ ଏକମାତ୍ର ପୁତ୍ର । ଢେଙ୍କାନାଳ ମଣ୍ଟଫୋର୍ଟ ସ୍କୁଲରେ ମାଟ୍ରିକ୍ ପାସ କରିବା ପରେ ବିଜେବି ଜୁନିୟର କଲେଜର ଯୁକ୍ତ୨, ଢେଙ୍କାନାଳ ଜିଲା ସରାଙ୍ଗ ଆଇଜିଆଇଟିରେ କେମିକାଲ ଇଞ୍ଜିନିୟରିଙ୍ଗ୍‌ରେ ବିଟେକ୍ କରିଥିଲେ । ନିଜ ପ୍ରତିକ୍ରିୟାରେ କୁହନ୍ତି, ଫଳାଫଳ ଜାଣି ବହୁତ ଖୁସି । ପରୀକ୍ଷାରେ ବହୁତ ଭଲ ହୋଇଥିଲା । ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ ଓ ଲୋକଙ୍କୁ ନ୍ୟାୟ ପ୍ରଦାନ ଉପରେ ଅଗ୍ରାଧିକାର ଦେବେ ବୋଲି ସେ କହିଛନ୍ତି ।

# ନାରୀ ସୁରକ୍ଷା ପାଇଁ ମିନି ମାରାଥନ



ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍‌ରୁ ବାହାରି ଥିବା ମିନି ମାରାଥନ ।

ବ୍ରହ୍ମପୁର ଅଫିସ,୨୧।୧୨

ୱାଇଡବ୍ଲୁସିଏ ବ୍ରହ୍ମପୁର ମହିଳା ସଙ୍ଗଠନ ଆନୁକୂଲ୍ୟରେ ଶୁକ୍ରବାର ସକାଳେ ଏକ ମିନି ମାରାଥନ୍ ଦୌଡ଼ ଆୟୋଜନ କରାଯାଇଥିଲା । ନାରୀ ସୁରକ୍ଷା ନିମନ୍ତେ ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍ ପଡ଼ିଆଠାରୁ ଆରମ୍ଭ ହୋଇଥିବା ଏହି ଦୌଡ଼ରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ ଜନସାଧାରଣ ଭାଗ ନେଇଥିଲେ । ମୁଖ୍ୟଅତିଥି ଭାବେ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ଆଇନ୍‌ଜୀବୀ ଦୀପକ ପଟ୍ଟନାୟକ, ୱାଇଡବ୍ଲୁସିଏର ଅଧ୍ୟକ୍ଷା ଲେନା ଚାନ୍ଦ ଓ ଯୁବା ସଦସ୍ୟା ରାଲିକୁ ଉଦ୍‌ଘାଟନ କରିଥିଲେ । ଏହି ଦୌଡ଼ରେ କୃତକାର୍ଯ୍ୟ ହୋଇଥିବା ୪ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଏସ୍‌ଏମ୍‌ଆଇଟି ଅଧ୍ୟକ୍ଷ ଭଗବାନ ଗନ୍ତାୟତ, ଡିଏସ୍‌ପି ସାନ୍ତା ସୋମୋଦ୍, ବିଜେଡ଼ି ନେତ୍ରୀ ସଂଘମିତ୍ରା ଦଳେଇ ପ୍ରମୁଖ ଯୋଗଦେଇଥିଲେ । ଇପ୍‌ସିତା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ରତ୍ନାମଣୀ କଟନ୍ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ୩ ଯୁବା ନେତ୍ରୀ ରତ୍ନାମଣୀ କଟନ୍, ଅର୍ଚ୍ଚନା ନାୟକ ଏବଂ ଭାଗ୍ୟଶ୍ରୀ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କଲେଜ ଛାତ୍ରୀଙ୍କୁ ସଚେତନ କଲା ପୋଲିସ

ଛତ୍ରପୁର,୨୧।୧୨(ଡି.ଏନ.ଏ)

ଗଞ୍ଜାମ ପୋଲିସ ଜିଲା ଓ ଛତ୍ରପୁର ଥାନା ପକ୍ଷରୁ ମିଳିତ ଭାବେ ଶୁକ୍ରବାର ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଡକ ସୁରକ୍ଷା, ଗାଡି ଚଳାଇବା ବେଳେ ହେଲମେଟ ପିନ୍ଧିବା, ମହିଳାଙ୍କ ଉପରେ ହେଉଥିବା ନିର୍ଯାତନାର ନିରାକରଣ କରିବା ସହ ଗୁଣିଗାରେଡି ଆଦି ଅନ୍ଧବିଶ୍ୱାସ ଉପରେ ଗୁରୁତ୍ୱ ନ ଦେବା ଆଦି ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । ଏଥିରେ ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଥାନା ଏସଆଇ ଭାଗ୍ୟଶ୍ରୀ ସ୍ୱାଇଁ ଓ ହେଡକ୍ୱାର୍ଟର ଇନ୍ସପେକ୍ଟର, ଶର୍ମିଷ୍ଠା ପ୍ରଧାନ ଯୋଗଦେଇ ସଚେତନ କରିଥିଲେ । ପୋଲିସ କର୍ମଚାରୀ ବିଦ୍ୟାଧର ସାହୁ ଏହାକୁ ସଂଯୋଜନା କରିଥିଲେ ।

# ଏମ୍‌ବିଏ ଛାତ୍ର ହତ୍ୟାକୁ ନେଇ ପୋଡ଼ାଜଳା ଘଟଣା, ୧୯ ଗିରଫ

ଭଞ୍ଜନଗର,୨୧।୧୨(ଡି.ଏନ.ଏ.)

ତାରସିଂ ଥାନା ଭୋଗରାର ଏମ୍‌ବିଏ ଛାତ୍ର ଜିତୁ ପ୍ରଧାନଙ୍କୁ ସେପ୍ଟେମ୍ବର ୧୮ ତାରିଖରେ ତିନିଛକିଆର ତାଙ୍କର ଜଣେ ବନ୍ଧୁ ଓ ଅନ୍ୟ ଜଣେ ମିଶି ହତ୍ୟା କରିଥିଲେ । ହତ୍ୟାକାଣ୍ଡକୁ କେନ୍ଦ୍ରକରି ଭୋଗରା ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା । ଉତ୍ୟକ୍ତ ଲୋକେ ସେ ସମୟରେ ଭଞ୍ଜନଗର ଦଶପଲ୍ଲା ମୁଖ୍ୟ ରାସ୍ତାକୁ ତିନିଛକିଆ ଠାରେ ଅବରୋଧ କରିଥିଲେ । ଏଥିସହ ରୁଢ଼ାପଦରର ବିଭୂତି ଭୂଷଣ ରଥ ପୋଲିସ ପକ୍ଷ ନେବା ସନ୍ଦେହରେ ତାଙ୍କ ଘରେ ପଶି ପୋଡ଼ାଜଳା କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ । ଏ ନେଇ ପୋଲିସ ସେ ସମୟରେ ବହୁ ଲୋକଙ୍କ ନାମରେ ଏକାଧିକ ମାମଲା ରୁଜୁ କରିଥିଲା । ଶୁକ୍ରବାର ତାରସିଂ ପୋଲିସ ଭଙ୍ଗାରୁଜା, ପୋଡ଼ାଜଳା ସମେତ ବିଭିନ୍ନ ମାମଲାରେ ୧୯ଜଣଙ୍କୁ ଗିରଫ କରି ସନ୍ଧ୍ୟାରେ ଭଞ୍ଜନଗର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ରାମ ନାଇକ, ରମେଶ ନାଇକ, ଯୋଗୀ ନାଇକ, ଟୁନା ନାଇକ, ନାରାୟଣ ନାଇକ, ଭାଲୁ ନାଇକ, ସମରରାଜୁ ନାଇକ, ନିଧି ମଳିକ, ଶିବରାମ ଜାନି, ପବିତ୍ର ମଳିକ, ପିତବାସ ମଳିକ, ହରି ନାଇକ, ସୁଜିତ ମଳିକ, ବିପ୍ର ଜାନି, ରଞ୍ଜିତ ଜାନି, ରବୀନ୍ଦ୍ର ମଳିକ, ଉଦୟ ମୁଳି ଓ ରମେଶ ମାଳି ବୋଲି ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ ସୂଚନା ଦେଇଛନ୍ତି ।

## ■ ବାମପନ୍ଥୀଙ୍କ ବୈଠକରେ ଅଭିଯୋଗ

# ଗୋସୁରକ୍ଷା ନାଁରେ ବଢୁଛି ହିଂସା, ଅରାଜକତା

ବ୍ରହ୍ମପୁର ଅଫିସ,୨୧।୧୨

ଗୋସୁରକ୍ଷା ନାଁରେ ସର୍ବତ୍ର ହିଂସା ବଢୁଛି ଏବଂ ଗୌରିକ ଗୋଷ୍ଠୀର ଗୁଣ୍ଡାରାଜ ଚାଲିଛି । ଅନ୍ୟପକ୍ଷରେ କେନ୍ଦ୍ର ମୋଦି ସରକାର ଶାସନରେ ଧାର୍ମିକ ଉନ୍ମାଦନା ସୃଷ୍ଟି କରାଯାଉଛି । ଦେଶର ବିଭିନ୍ନ ସ୍ଥାନରେ ପ୍ରଗତିଶୀଳ ଚିନ୍ତକ ହତ୍ୟାର ଶିକାର ହେଉଛନ୍ତି । ଦଳିତଙ୍କ ଉପରେ ମଧ୍ୟ ଘନଘନ ଆକ୍ରମଣ କରାଯାଉଛି । ଶୁକ୍ରବାର ବରିଷ୍ଠ ବାମପନ୍ଥୀ ନେତା ତଥା ଛତ୍ରପୁରର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଗୋପାଳପୁରରେ ଅନୁଷ୍ଠିତ ଧର୍ମ ନିରପେକ୍ଷ ଓ ଗଣତନ୍ତ୍ରପ୍ରେମୀମାନଙ୍କ ବୈଠକରେ ଏହି କଟାକ୍ଷ କରାଯାଇଛି । ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ସଚେତନ ଭୋଟରମାନେ ଭାଜପା ନେତୃତ୍ୱାଧିନ ଏନଡିଏ ସରକାରଙ୍କୁ ହଟାଇବାକୁ କୁହାଯାଇଥିଲା ।

ବୈଠକରେ ଓଡ଼ିଶା ଦଳିତ ସୁରକ୍ଷା ସମନ୍ୱୟ ସମିତି ଆବାହକ ଅକ୍ଷୟ ମଲିକ, ବୁଦ୍ଧିଜୀବୀ ବିଘ୍ନେଶ୍ୱର ସାହୁ, ସତୀଶ ମିଶ୍ର, ସିପିଆଇ ନେତା ପ୍ରଦୀପ ସେଠୀ ଓ ନାରୀ ନେତ୍ରୀ ଭାନୁମତି ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ସମସ୍ତ କ୍ଷେତ୍ରରେ ସାମଗ୍ରିକ ବିଫଳତା ନେଇ ବୈଠକରେ ଆଲୋଚନା କରାଯାଇଥିଲା । ଦରଦାମ ନିୟନ୍ତ୍ରଣ କରିବାରେ ମୋଦି ସରକାରଙ୍କ ଅପାରଗତାକୁ ସମାଲୋଚନା ସହିତ ଚାଷୀଙ୍କ ଉତ୍ପାଦିତ ଧାନର କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ଟଙ୍କା ଧାର୍ଯ୍ୟ କରିବାର ଗତ ନିର୍ବାଚନୀ ପ୍ରତିଶ୍ରୁତି ଦେଇ ମଧ୍ୟ କେନ୍ଦ୍ର ସରକାର ଏଯାବତ କାର୍ଯ୍ୟକାରୀ କରି ନ ଥିବା ଅଭିଯୋଗ କରାଯାଇଥିଲା ।

ସବୁ ବିଫଳତା ଘୋଡ଼ାଇବା ପାଇଁ ଗୌରିକ ଦଳ ଏବେ ପୁଣି ରାମ ମନ୍ଦିର ପ୍ରସଙ୍ଗ ଉଠାଇ ବିଭ୍ରାନ୍ତି କରୁଥିବା ଦର୍ଶାଇ ନିନ୍ଦା କରାଯାଇଥିଲା । ଏହା ପ୍ରତିବାଦରେ ଜାନୁୟାରୀ ୮ତାରିଖରୁ ଦେଶବ୍ୟାପୀ ଦୁଇଦିନିଆ ଧର୍ମଘଟର ଡ଼ାକରା ଦିଆଯାଇଛି । ଗଞ୍ଜାମ ଜିଲାରେ ଏହାର ସଫଳ ପାଇଁ ସବୁସ୍ତରର ଲୋକେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା ।

# ଗୁରୁକୁଳ ଇଣ୍ଟରନ୍ୟାଶନାଲର କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୨୧।୧୨

ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ମହୋତ୍ସବ-୨୦୧୮ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଅନୁଷ୍ଠାନର ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର, ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ସମ୍ପାଦିକା ଅନୀତା ପାଢୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରଥମ ଦିନରେ ୪ଟି ବିଭାଗର ପ୍ରାରମ୍ଭିକ ପର୍ଯ୍ୟାୟ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । ଏଲ୍‌କେଜି ଓ ୟୁକେଜି ବିଭାଗରେ ଶିଶୁଙ୍କ ମଧ୍ୟରେ ଫ୍ରଗ ଜମ୍ପ, ଲେମ୍ବୁ ଚାମଚ, ଲୁଡୁ, ମ୍ୟୁଜିକାଲ ଚେୟାର, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା । ସେହିପରି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର, ଇଟ ଆଣ୍ଡ ରନ, ୪୦୦ ମିଟର ରିଲେ ଦୌଡ, ସ୍କେଟିଂ, ଲୁଡୋ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା । ଜୁନିୟର ଓ ସିନିୟର ବିଭାଗରେ ସମସ୍ତ ଛାତ୍ରୀଛାତ୍ର ଦୌଡ, ଉଚ୍ଚ ଡିଆଁ, ଲମ୍ବଡିଆଁ, ସ୍କେଟିଂ, ସଟପୁଟ ଥ୍ରୋ, ଡିସକସ ଥ୍ରୋ, ବ୍ୟାକୱାର୍ଡ ରେସ, ଅଖା ଡିଆଁ, ସ୍କେଟିଂ, କ୍ୟାରମ, ସ୍ଲୋ ସାଇକେଲ ରେସ, ରଙ୍ଗୋଲି, ଡିବେଟ ଆଦି ପ୍ରତିଯୋଗିତା ହୋଇଥିଲା । ଏଲକେଜି ଠାରୁ ଯୁକ୍ତ୨ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡାରେ ଭାଗ ନେଇଥିଲେ । ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଖେଳ ପରିଚାଳନାରେ ସହଯୋଗ କରିଥିବା ବେଳେ ସ୍କୁଲ ଅଧ୍ୟକ୍ଷ ମହାପାତ୍ର ଏବଂ ନିର୍ଦ୍ଦେଶିକା ରଞ୍ଜିନୀ ଗୋପାଳ କ୍ରିଷ୍ଣନ କ୍ରୀଡା ମହୋତ୍ସବ ପରିଚାଳନା କରିଥିଲେ । ପିଟିଆଇ ଟିଚର୍ସ କିଶୋର ମହାନ୍ତି, ଅମିତ କୁମାର ଦାଶ, ଦୀପକ ପାତ୍ର, ଜଗନ୍ନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିମାନେ କ୍ରୀଡ଼ା ମଶାଲ ଧରିଛନ୍ତି ।

# କ୍ରାନ୍ତି ଯୁବଛାତ୍ର ସଂଘର ପ୍ରତିଷ୍ଠା ଦିବସ

ଛତ୍ରପୁର,୨୧।୧୨(ଡି.ଏନ.ଏ)

ଛତ୍ରପୁରଠାରେ କ୍ରାନ୍ତି ଯୁବଛାତ୍ର ସଂଘ ପକ୍ଷରୁ ଶୁକ୍ରବାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସକାଳେ ସଂଗଠନର ସଭାପତି ଇଜୁ ଅମିନ୍ ଖାନ୍ କ୍ରାନ୍ତି ପତାକା ଉତ୍ତୋଳନ କରିଥିଲେ । ସୀମାଞ୍ଚଳ ନାୟକ ମଶାଲ୍‌ରେ ଅଗ୍ନି ସଂଯୋଗ କରିଥିଲେ ପୂର୍ବାହ୍ନରେ ଛତ୍ରପୁର ହସ୍ପିଟାଲର ରୋଗୀଙ୍କୁ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କ ଉପସ୍ଥିତିରେ ଫଳ ବଣ୍ଟାଯାଇଥିବା ବେଳେ ମଧ୍ୟାହ୍ନରେ ସାଂଗଠନିକ କାର୍ଯ୍ୟକାରିରୀ ବୈଠକ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଭାତୃଚାରା ପ୍ରେମ ସଦଭାବନା ପ୍ରସାର ପାଇଁ ଏକ ମଶାଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଇଜୁଅମିନ୍ ଖାନ ସଭାପତି, ସୁବୋଧ ସୁମନ ସ୍ୱାଇଁ ଉପସଭାପତି, ଜଲାଲ୍ ଖାନ୍ ସାଧାରଣ ସମ୍ପାଦକ, ମହେଶ କୁମାର ଗୌଡ କୋଷାଧ୍ୟକ୍ଷ, ଅଭିଷେକ ପଟ୍ଟନାୟକ ସହ ସମ୍ପାଦକ ରହିଛନ୍ତି ।




ମଶାଲ ଶୋଭାଯାତ୍ରା ।

## ■ ଓଡ଼ିଆ ଭାଷାର ସାର୍ବଜନୀନ ବ୍ୟବହାର ଦାବି

# ଉତ୍କଳ ସମ୍ମିଳନୀ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ, ୨୧।୧୨




ଗଞ୍ଜାମ କଳା ପରିଷଦ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ଓଡିଆ ଭାଷା ଆଇନ ପ୍ରଣୟନ ଓ ଏହାର ସାର୍ବଜନୀନ ବ୍ୟବହାର କରିବା ଉପରେ ପଦକ୍ଷେପ ଗ୍ରହଣ କରିବା ନେଇ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖାର କର୍ମକର୍ତ୍ତାମାନେ ଗଞ୍ଜାମ କଳା ପରିଷଦ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ ହେବା ପରଠାରୁ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଓ ପ୍ରଚାର ପ୍ରସାର ପାଇଁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି । ୧୯୫୪ରେ ଓଡିଆ ଭାଷା ଆଇନ ମଧ୍ୟ ପ୍ରଣୟନ ହୋଇଥିଲେ ମଧ୍ୟ ଏଯାବତ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ । ଗତ ୩୧ ମେ ଓ ୩୦ ଜୁନରେ ରାଜ୍ୟସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ନୋଟିଫିକେଶନ ଅନୁଯାୟୀ ଜିଲାରେ ଓଡିଆରେ ସରକାରୀ ଚିଠିପତ୍ର ଆଦାନ ପ୍ରଦାନ, ସରକାରୀ ଓ ବ୍ୟବସାୟୀକ ଅନୁଷ୍ଠାନରେ ଓଡିଆରେ ନାମଫଳକ ଲେଖାଯିବା ଉପରେ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ବେଳେ ସମ୍ମିଳନୀର ଯୁଗ୍ମ ସମ୍ପାଦକ ଡା. ନକୁଳ ସାହୁ, କୋଷାଧ୍ୟକ୍ଷ ନରସିଂହ ପାଣିଗ୍ରାହୀଙ୍କ ସମେତ ଡା. ସୁବ୍ରତ ସାହୁ, ପ୍ରଫେସର ରବି ନାରାୟଣ ମିଶ୍ର, ଦୀନବନ୍ଧୁ ଶ୍ରୀପଲ୍ଲବ, ଡା. ସାଗର ରଞ୍ଜନ ତ୍ରିପାଠୀ, ସ୍ୱର୍ଣ୍ଣପ୍ରଭା ପାଢୀ, ସ୍ୱର୍ଣ୍ଣ ପ୍ରଭା ମିଶ୍ରଙ୍କ ସମେତ ସମ୍ମିଳନୀର ସମସ୍ତ କର୍ମକର୍ତ୍ତା ଓ ଭାଷା ପ୍ରେମୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଧାନକଟା ମେଶିନ୍ ଧକ୍କାରେ ମହିଳା ମୃତ

ଛତ୍ରପୁର,୨୧।୧୨(ଡି.ଏନ.ଏ)-ଛତ୍ରପୁର ଥାନା ବଡମାଧପୁର ଗାଁ ନିକଟ ଜମିରେ ଶୁକ୍ରବାର ଧାନକଟା ମେଶିନ୍ ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବଡମାଧପୁର ଗାଁର ଯୋଗେନ୍ଦ୍ର ପରିଡାଙ୍କ ସ୍ତ୍ରୀ ଦଣ୍ଡାସୁଣି । ଯୋଗେନ୍ଦ୍ରଙ୍କ ଜମିରେ ଧାନ କାଟିବା ପାଇଁ ଉକ୍ତ ମେଶିନ ବ୍ୟବହାର କରାଯାଉଥିଲା । ଗାଡିଟି ପଛକୁ ଆସୁଥିବା ବେଳେ ଅସାବଧାନତାରୁ ଦଣ୍ଡାସୁଣି ସେଥିରେ ଧକ୍କା ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ ।

### ଜମି, ଖଳାରେ ଭାସୁଛି ଧାନ

ଦିଗପହଣ୍ଡି,୨୧।୧୨(ଡି.ଏନ.ଏ.)-ପେଥାଇ ପ୍ରଭାବରେ ହୋଇଥିବା ବର୍ଷାରେ ଦିଗପହଣ୍ଡି ବ୍ଲକ ଅଧୀନ ଗୌଡ଼ଗାଁ, ସହଦେବଟିକରପଡ଼ା, ଭ୍ରମରପୁର, ବି.ତୁରୁବୁଡ଼ି, ଭାଷ୍ମଗିରି ଆଦି ପଞ୍ଚାୟତର ବିଭିନ୍ନ ଗାଁର ଚାଷ ଜମି ଜଳମଗ୍ନ ହୋଇଛି । ଚାଷୀମାନେ ଜମିରୁ ଧାନ କାଟି ଖଳାକୁ ଆଣିପାରିନାହାନ୍ତି । ଧାନକଳେଇ ଗଜା ହେବା ଆରମ୍ଭ କଲାଣି । ଅନ୍ୟପକ୍ଷରେ ଯୋଉଁକିଛି ଧାନ ତରବରିଆ ଭାବେ ଖଳାକୁ ଆସି ଅମଳ ହୋଇଛି, ସେଥିରେ ବି ବର୍ଷାପାଣି ମାଡ଼ ହୋଇଛି । କୋହଲା ପାଗ ଯୋଗୁ ପନିପରିବା ଓ ରବି ଫସଲ ନଷ୍ଟ ହୋଇଛି । ଦିନେ ଦୁଇଦିନରେ ପାଗ ଶୁଖିଲା ହେଲେ ମଧ ଧାନ ବ୍ୟବହାର ଉପଯୋଗୀ ହୋଇପାରିବ ନାହିଁ। ଧାର କରଜ କରି ବହୁ କଷ୍ଟରେ ଧାନ ଚାଷ କରିଥିବା ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ତୁରନ୍ତ କ୍ଷୟକ୍ଷତି ଆକଳନ କରି ସରକାରୀ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଗୌଡ଼ଗାଁ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ଦାବି କରିଛନ୍ତି ।

### ଦିବ୍ୟାଙ୍ଗଙ୍କୁ ଋଣ ପ୍ରଦାନ

ବୁଗୁଡ଼ା,୨୧।୧୨(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ କରଚୁଲି ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ତରଫରୁ କରଚୁଲି ଓ କରସିଙ୍ଗି ପଞ୍ଚାୟତର ଦିବ୍ୟାଙ୍ଗମାନଙ୍କୁ ଋଣ ପ୍ରଦାନ କରାଯାଇଛି । ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଆର୍ଥିକ ଉନ୍ନତି ସକାଶେ ଡିଆଇଆର ଯୋଜନା ମାଧମରେ ବୁଧବାର ୫ ଦିବ୍ୟାଙ୍ଗଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ଦିଆଯାଇଛି । ବ୍ୟାଙ୍କ ତରଫରୁ ଆଞ୍ଚଳିକ ପ୍ରବନ୍ଧକ କାଶୀ ବିଶ୍ୱନାଥ ଦାଶ ଏହି ଋଣ ପ୍ରଦାନ କରିଥିଲେ । ଉକ୍ତ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକ ଅନୁପମ ପାତ୍ରେଲ ବୁଝାଇଥିବା ବେଳେ ବ୍ୟାଙ୍କ କ୍ଷେତ୍ର ଅଧିକାରୀ ସତ୍ୟଜିତ ମହାପାତ୍ର ଓ କରଚୁଲି ପଞ୍ଚାୟତ ସରପଞ୍ଚ ଧୋବା ପ୍ରଧାନ ଉପସ୍ଥିତ ଥିଲେ ।

### ଚକ୍ଷୁ ସଚେତନତା ଶିବିର

କୁକୁଡ଼ାଖଣ୍ଡି,୨୧।୧୨(ଡି.ଏନ.ଏ.)-କୁକୁଡ଼ାଖଣ୍ଡି ବ୍ଲକ ମସିହାଖାଲି ପଞ୍ଚାୟତରେ ବୁଧବାର ମାଗଣା ଚକ୍ଷୁ ସଚେତନତା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ବୃଦ୍ଧାବୃଦ୍ଧ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଚକ୍ଷୁ ନିମନ୍ତେ ସଚେତନ ହେବା ସହ ବିଭିନ୍ନ ପରାମର୍ଶ ନେଇଥିଲେ । ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଶିବରାମ ମହାରଣା ରୁବି ଚକ୍ଷୁ ଡ଼ାକ୍ତରଖାନା ବ୍ରହ୍ମପୁରକୁ ନିମନ୍ତ୍ରଣ କରି ଶିବିରର ଆୟୋଜନ କରିଥିଲେ । ଡାକ୍ତରଖାନାରୁ ଡାକ୍ତର ଓ କର୍ମଚାରୀମାନେ ଏଠାରେ ପହଞ୍ଚି ଶିବିର କରିବା ସହ ଲୋକଙ୍କୁ ଚକ୍ଷୁ ନିମିତ୍ତ ସଚେତନ ଓ ପରାମର୍ଶ ଦେଇଛନ୍ତି। ଗ୍ରାମବାସୀ ଶିବିରପରିଚାଳନାରେ ସହଯୋଗ କରିଥିଲେ।

### ଗୀତା ଜୟନ୍ତୀ ସମାରୋହ

ଜଗନ୍ନାଥପ୍ରସାଦ,୨୧।୧୨-ଜଗନ୍ନାଥପ୍ରସାଦ ବ୍ଲକ ଚାମୁଣ୍ଡା ପଞ୍ଚାୟତର ଚାମୁଣ୍ଡା ଗ୍ରାମରେ ବଡ଼ଦାଣ୍ଡ ଚୈତନ୍ୟ ସ୍ୱାମୀ ମନ୍ଦିର ପ୍ରାଙ୍ଗଣରେ ୪ ଦିନ ଧରି ଭାଗବତ କଥାମୃତ ଅନୁଷ୍ଠିତ ହୋଇଯାଇଥିବା ବେଳେ ବୁଧବାର ଗୀତା ଜୟନ୍ତୀ ସମାରୋହ ଉତ୍ସବ ପାଳିତ ହୋଯାଇଛି। ବୃନ୍ଦାବନରୁ ସନ୍ଥ ଦିନବନ୍ଧୁ ଦାସ ମହାରାଜ, ଆଲୋକ ମହାରାଜଙ୍କ ନେତୃତ୍ୱରେ ଏହି ଗୀତାପାଠ ସମେତ ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟ କୁମୁଦ ଚନ୍ଦ୍ର ପାଢ଼ୀ, ପଠାଣି ସାହୁ, ପ୍ରଦ୍ୟୁମ୍ନ ନାୟକ, ସତ୍ୟବାନ ସାହୁ, ହରିକୃଷ୍ଣ ଡାକୁଆ, ବନବାସୀ ନାୟକ, ସୀମାଞ୍ଚଳ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସନ୍ଥମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଆଧାତ୍ମିକ ସମାବେଶରେ ଅଞ୍ଚଳର ବହୁ ସଂଖ୍ୟକ ମହିଳା, ପୁରୁଷ ଯୋଗ ଦେଇଥିଲେ। ବିଶ୍ୱଜିତ ଷଡ଼ଙ୍ଗୀ, ବୀରେନ୍ଦ୍ର ଦାଶ, ସୀମାଞ୍ଚଳ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱର ଶାନ୍ତି ପାଇଁ ଭାଗବତ ଗୀତାର ସନ୍ଦେଶ ବୋଲି ସନ୍ଥ ଦାସ ମହାରାଜ ଶ୍ରୋତାଙ୍କୁ ବାଣୀଦ୍ୱାରା ବୁଝାଇଥିଲେ।

### ସାମୂହିକ ଗୀତା ପାଠ

ଛତ୍ରପୁର,୨୧।୧୨(ଡି.ଏନ.ଏ)-ଛତ୍ରପୁର ସହର ତାଡେପଲ୍ଲୀ ସାହିସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ସାମୂହିକ ଗୀତା ପାଠ କାର୍ଯ୍ୟକ୍ରମ ଗୁରୁବାର ଉଦଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଅଂଚଳର ବହୁ ଗୀତା ପ୍ରେମୀ ଭକ୍ତମାନେ ଯୋଗ ଦେଇ ସାମୂହିକ ଗୀତା ପାଠ କରିଥିଲେ । ଗୁରୁବାର କାର୍ଯ୍ୟକ୍ରମର ଉଦ୍ୟୋକ୍ତା ଗଣପତି ସାହୁ ପୂର୍ଣ୍ଣାହୂତି ଅର୍ପଣ କରିଥିଲେ।

ବ୍ରହ୍ମପୁର, ଗୋପାଳପୁର ବିଧାୟକଙ୍କ ମତ

# ଋଷିକୁଲ୍ୟା ଡେଭଲପମେଣ୍ଟ ଅଥରିଟି ଗଠନ ହେଉ

ଛତ୍ରପୁର,୨୧।୧୨(ଡି.ଏନ.ଏ)

ପାନୀୟ ଜଳ ଠାରୁ ଆରମ୍ଭ କରି ଜମିକୁ ଜଳସେଚନ ପାଇଁ ଋଷିକୁଲ୍ୟା ନଦୀ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଋଷିକୁଲ୍ୟା ନଦୀ ଆସିକା, ଛତ୍ରପୁର, ଗଞ୍ଜାମ ଦେଇ ସମୁଦ୍ରରେ ମିଶିଛି । ଅତ୍ୟଧିକ ବର୍ଷା ହେଲେ ଋଷିକୁଲ୍ୟା ନଦୀରେ ବନ୍ୟା ଆସି ଏହି ପାଣି ଜନବସତିକୁ ମାଡିଆସିବା ସହ ଫସଲ ନଷ୍ଟ କରୁଛି । ତିତ୍‌ଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟା ଯୋଗୁ ଆସିକା, ଛତ୍ରପୁର,ଗଞ୍ଜାମ ଆଦି ବ୍ଲକର ବିଭିନ୍ନ ଗାଁରେ ପାଣି ପଶି ବ୍ୟାପକ ଫସଲ ନଷ୍ଟ ହୋଇଥିଲା । ଋଷିକୁଲ୍ୟା ନଦୀର ପାଣିକୁ ଗଚ୍ଛିତ କରିବା ପାଇଁ ବ୍ୟାରେଜ୍ ନିର୍ମାଣ ଜରୁରୀ ହୋଇପଡିଛି । ଋଷିକୁଲ୍ୟା ସୁରକ୍ଷା ମଞ୍ଚ ଗଠନ କରାଯାଇ ଛତ୍ରପୁର ବ୍ଲକ ପୋଇଲାମପୁର ପଞ୍ଚାୟତ ନିକଟ ଋଷିକୁଲ୍ୟା ନଦୀର କଂସାରି ଗଣ୍ଡରେ ବ୍ୟାରେଜ ଓ ବ୍ରିଜ୍ ନିର୍ମାଣ ପାଇଁ ଦାବି ହୋଇଛି । ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଯୋଜନା କମିଟି ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମଧ ଋଷିକୁଲ୍ୟାରେ ବ୍ୟାରେଜ୍ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ଛତ୍ରପୁରସ୍ଥିତ ଜିଲା ଯୋଜନା କମିଟି ବୈଠକରେ ଯୋଗଦେଇ ଋଷିକୁଲ୍ୟା ଡେଭଲପମେଣ୍ଟ ଅଥରିଟି ଗଠନ କରାଯାଉ ବୋଲି ଗୋପାଳପୁର ବିଧାୟକ ପାଣିଗ୍ରାହୀ କହିଥିଲେ। ଏ ନେଇ ସର୍ବସମ୍ମତି ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପଠାଯାଉ ଏବଂ ଆସନ୍ତା ବଜେଟରେ ଏଥିପାଇଁ ଅନୁଦାନର ବ୍ୟବସ୍ଥା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲା ଯୋଜନା କମିଟି ଅଧକ୍ଷ ଚ୍ୟାଉ ପଟ୍ଟନାୟକ ମଧ ଋଷିକୁଲ୍ୟା ନଦୀର ଉନ୍ନତୀକରଣ ଆବଶ୍ୟକ ବୋଲି କହିଥିଲେ। ଅଯଥାରେ ବର୍ଷା ପାଣି ସମୁଦ୍ରକୁ ଚାଲିଯାଉଛି। ତେଣୁ ନଦୀର କଂସାରି ଗଣ୍ଡ ଉପରେ ବ୍ରିଜ୍ ଓ ବ୍ୟାରେଜ୍ ନିର୍ମାଣ କରିବା ଆବଶ୍ୟକ ବୋଲି ଚ୍ୟାଉପଟ୍ଟନାୟକ କହିଥିଲେ । ସୂଚନାଯୋଗ୍ୟ, ୨୦୧୭ ନଭେମ୍ବର ୨୨ ତାରିଖରେ ଅନୁଷ୍ଠିତ ଜିଲା ଯୋଜନା କମିଟି ବୈଠକରେ ବ୍ରହ୍ମପୁର ଏମପି ସିଦ୍ଧାନ୍ତ ମହାପାତ୍ର ମଧ ଏହି ପ୍ରସଙ୍ଗ ଉଠାଇଥିଲେ। ପରେ ଫେବୃୟାରୀ ୨୦ ତାରିଖରେ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ପ୍ରସ୍ତାବ ପଠାଯାଇଥିଲା। ଋଷିକୁଲ୍ୟା ନଦୀ ଶୁଖିଯାଉଥିବା ବେଳେ ଗଞ୍ଜାମ ବ୍ଲକର ଶ୍ରୀବଣା ଠାରୁ ପୁରୀ ଜିଲାକୁ ପାଣି ଯୋଗାଣ ପାଇଁ ରାଜ୍ୟ ସରକାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୁରୀ ଜିଲାକୁ ପାଣି ଯୋଗାଣ ପୂର୍ବରୁ ବ୍ୟାରେଜ୍ ଓ ବ୍ରିଜ୍ ନିର୍ମାଣ କରିବାକୁ ପୂର୍ବରୁ ଋଷିକୁଲ୍ୟା ସୁରକ୍ଷା ମଞ୍ଚ ପକ୍ଷରୁ ଦାବି ହୋଇଛି ।

## କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡାସୋବ



ଚାମ୍ପିୟନମାନଙ୍କ ଗହଣରେ ଅତିଥି ।

ଭଞ୍ଜନଗର,୨୧।୧୨(ଡି.ଏନ.ଏ.)

ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟର ୯ମ ବାର୍ଷିକ କ୍ରୀଡାସୋବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସିନିୟର ବାଳିକା ବିଭାଗରେ ରୋଜାଲିନ ସାହୁ ଓ ପୁରୁଷ ବିଭାଗରେ ଆକାଶ ମହାଙ୍କୁଡ ଚାମ୍ପିୟନ ହୋଇଛନ୍ତି। ସେହିଭଳି ଜୁନିୟର ବାଳିକା ବିଭାଗରେ ସୁଚିସ୍ମିତା ପ୍ରଧାନ ଓ ବାଳକ ବିଭାଗରେ ବିଶ୍ୱଜିତ୍ ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ବିଦ୍ୟାଳୟ ଅଧକ୍ଷ ଏନ. ମାର୍କେଣ୍ଡେୟୁଲୁ ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ଦୀପ୍ତି କାନୁନ୍‌ଗୋ ଧନ୍ୟବାଦ ଅର୍ପଣ କରିଥିଲେ। ଭବାନିଶଙ୍କର ଭୋକ୍ତା, ପି କେ ସାବତ, ଗରିମା ଗୁପ୍ତା, ଗୁରୁପ୍ରସାଦ ପାଲ, ମଣିକାନ୍ତ ସାହୁ, ନିତୁ ବାଇ, ଶୁଭଙ୍କର ବିଷୋୟୀ, ବି.ମହାରଣା ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଗଞ୍ଜାମ ଜିଲା ଯୋଜନା କମିଟି ବୈଠକ

# ବାର୍ଷିକ, ଜିଜିଓ୍ୱାଇ ପ୍ଲାନ୍‌କୁ ଅନୁମୋଦନ



ବୈଠକରେ ଉପସ୍ଥିତ ଅଧକ୍ଷ ଏବଂ ଅନ୍ୟମାନେ ।

ଛତ୍ରପୁର,୨୧।୧୨(ଡି.ଏନ.ଏ)

ଗଞ୍ଜାମ ଜିଲା ଯୋଜନା କମିଟି ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଜିଲାପରିଷଦ ଭବନରେ ଅନୁଷ୍ଠିତ ହୋଇଛି। ଏଥିରେ କମିଟିର ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଅଧକ୍ଷତା କରିଥିଲେ । ୨୦୧୮-୧୯ରେ ଗୋପବନ୍ଧୁ ଗ୍ରାମାଞ୍ଚଳ ଯୋଜନା (ଜିଜିଓ୍ୱାଇ)ରେ ଜିଲାରେ ୩୨କୋଟି ୬୧ ଲକ୍ଷ ୩୨ ହଜାର ୭୭୨ ଟଙ୍କା, ଜିଜିଓ୍ୱାଇ ଇଣ୍ଟଷ୍ଟେଟ୍ ବାବଦରେ ୧୭ ଟି ପ୍ରକଳ୍ପ ପାଇଁ ୨୩ ଲକ୍ଷ ୪୩ ହଜାର ୨୦୮ ଟଙ୍କା, ବଳକା ଥିବା ୫୭ ଲକ୍ଷ ୨୩ ହଜାର ୫୩୨ ଟଙ୍କା, ଡାଇଭରସେନ ପଣ୍ଡ ବାବଦରେ ୧ କୋଟି ୫୯ ଲକ୍ଷ ୩୨ ହଜାର ଟଙ୍କାର ଆକ୍ସନ ପ୍ଲାନ ବୈଠକରେ ଅନୁମୋଦନ ପାଇଥିଲା। ଜିଲା କମ୍ପରେହେନସିଭ ଡେଭଲପମେଣ୍ଟ ପ୍ଲାନ୍ ମଧ ବୈଠକରେ ଅନୁମୋଦନ ପାଇଛି । ଅନୁଦାନ ପାଇଁ ଏହି ପ୍ଲାନ୍‌କୁ ରାଜ୍ୟ ସରକାରଙ୍କୁ ପଠାଯିବ ବୋଲି ସୂଚନା ଦିଆଯାଇଥିଲ। ବୈଠକରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲାପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ଡିଆରଡିଏ ଏପିଡି ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ସମେତ ବ୍ରହ୍ମପୁର ଏମପିଙ୍କ ପ୍ରତିନିଧି ସୁଧୀର ରାଉତ ଓ ବିଭିନ୍ନ ବିଭାଗର ଅଧିକାରୀ ଓ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

ଗଞ୍ଜାମ କଲେଜ

## ବିଭିନ୍ନ ସମସ୍ୟା ନେଇ ଅଧକ୍ଷଙ୍କୁ ଦାବିପତ୍ର

ଗଞ୍ଜାମ,୨୧।୧୨(ଡି.ଏନ.ଏ.)

ସହରର ବହୁ ପୁରାତନ ଗଞ୍ଜାମ କଲେଜର ବିଭିନ୍ନ ସମସ୍ୟା ନେଇ ବୁଧବାର କଲେଜ ଛାତ୍ର ସଂଗଠନ ପକ୍ଷରୁ ୬ ଦଫା ସମ୍ବଳିତ ସ୍ମାରକପତ୍ର କଲେଜ ଅଧକ୍ଷ ଡ. ରଙ୍ଗନାଥ କାନୁନ୍‌ଗୋଙ୍କୁ ପ୍ରଦାନ କରାଯାଇଛି। ବିଜୁ ଜନତା ଦଳ ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର ଏବଂ ଛାତ୍ର ନେତା ସୁକାନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । କଲେଜ ପରିସରରେ ଥିବା ୨ଟି ଶୌଚାଳୟରେ ଜଳର ବ୍ୟବସ୍ଥା, କମନ୍‌ରୁମ ଗୁଡ଼ିକୁ ନିୟମିତ ସଫା କରିବା, ସାଇକେଲ ଷ୍ଟାଣ୍ଡ ପର୍ଯ୍ୟନ୍ତ ସିସି ରୋଡ ନିର୍ମାଣ, ଛାତ୍ର ସଂସଦ କାର୍ଯ୍ୟାଳୟ ନିର୍ମାଣ, କମନ ରୁମରେ ପାନୀୟ ଜଳର ବ୍ୟବସ୍ଥା କରିବା ପ୍ରମୁଖ ଦାବି ରହିଛି। ଅଧକ୍ଷ କାନୁନ୍‌ଗୋ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ଛାତ୍ର ସଂସଦ ସମ୍ପାଦକ ଜିତୁ ମହାଗୁଡ଼, ବିଜୁ ଯୁବ ବାହିନୀ ବ୍ଲକ ସଭାପତି ପିଣ୍ଟୁ ସାହୁ, ଉପସଭାପତି ଦୀପକ କୁମାର ପ୍ରଧାନ, ରାଜ ଶୋଭାଶିଷ ଦାସ, ମୃତ୍ୟୁଞ୍ଜୟ ସାହୁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।ଶିଖାଇଥିଲେ । ଡିଇଓ ସରୋଜ କୁମାର ନାୟକ ଧନ୍ୟବାଦ ଦେଇଥିଲେ ।

## ୨୭ରେ ବ୍ୟାଙ୍କ ଖୋଲିବ, ଗ୍ରାହକ ହଟହଟା

ଭଞ୍ଜନଗର,୨୧।୧୨(ଡି.ଏନ.ଏ.)

ବିଭିନ୍ନ ଦାବିନେଇ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିଲା। ତେଣୁ ଭଞ୍ଜନଗରର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶୁକ୍ରବାର ବନ୍ଦ ଥିଲା। ୨୨ ତାରିଖ ଶେଷ ଶନିବାର ଏବଂ ୨୩ରେ ରବିବାର ଯୋଗୁ ବ୍ୟାଙ୍କ ବନ୍ଦ ରହିବ। ସୋମବାର ବ୍ୟାଙ୍କ ଖୋଲିବା କଥା କିନ୍ତୁ କଂଗ୍ରେସ ପକ୍ଷରୁ ଭଞ୍ଜନଗର ବନ୍ଦ ଡାକରା ଦିଆଯାଇଛି । ତେଣୁ ସୋମବାର ମଧ ବ୍ୟାଙ୍କ ବନ୍ଦ ରହିବ। ମଙ୍ଗଳବାର ବଡ଼ଦିନ ପାଇଁ ବ୍ୟାଙ୍କ ବନ୍ଦ ରହୁଥିବା ବେଳେ ବୁଧବାର ପୁଣି ବ୍ୟାଙ୍କ କର୍ମଚାରୀ ଓ ଅଫିସର ଆସୋସିଏଶନ ମିଶି ଆନ୍ଦୋଳନ କରୁଛନ୍ତି। ତେଣୁ ଗୁରୁବାର ଅର୍ଥାତ ୨୭ ତାରିଖରେ ଭଞ୍ଜନଗରର ସମସ୍ତ ରାଷ୍ଟ୍ରାୟତ ବ୍ୟାଙ୍କ ଖୋଲିବ। ଏହି ସମୟ ମଧରେ ଉପଭୋକ୍ତାମାନେ ବ୍ୟାଙ୍କ ସେବା ନ ପାଇ ହଟହଟା ହେବେ। ଶୁକ୍ରବାର ସହରର ଅଧିକାଂଶ ଏଟିଏମ୍‌ରେ ଟଙ୍କା ସରିବା ପରେ ବନ୍ଦ ହୋଇଯାଇଛି। ଏନେଇ ଭଞ୍ଜନଗର ଷ୍ଟେଟବ୍ୟାଙ୍କ ମୁଖ୍ୟ ପରିଚାଳକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଶୁକ୍ରବାର ଏସ୍‌ବିଆଇ ଏଟିଏମ୍‌ଗୁଡିକରେ ଟଙ୍କା ମହଜୁଦ୍ ଅଛି। ଶନିବାର ମଧ୍ୟ ଏଟିଏମ୍ ଗୁଡିକରେ ଟଙ୍କା ଡିପୋଜିଟ୍ କରାଯିବ।

# ଜୋନ୍ ସ୍ତରୀୟ ୱାର୍ଡ କମିଟି ସଭା



ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଖଲ୍ଲିକୋଟ,୨୧।୧୨(ଡି.ଏନ୍.ଏ.)-ଖଲ୍ଲିକୋଟ ବ୍ଲକ କୈରାଶି ପଞ୍ଚାୟତରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଶୁକ୍ରବାର ବିଜେଡି ଦଳପକ୍ଷରୁ ଜୋନ୍‌ସ୍ତରୀୟ ୱାର୍ଡ କମିଟି ସଭା ବ୍ରଜକିଶୋର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ୧୧ ନଂ. ଜୋନ୍ ଜିଲାପରିଷଦ ସଭ୍ୟ ସୋନମ ପଲେଇ, କୈରାଶି ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ରସାହୁ, ଯୁବ ବିଜେଡି ସଭାପତି ଦୟାନିଧି ସାହୁ, କିଶୋର ପଲେଇ ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟକ ସେଠୀ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଜନତାଙ୍କ ପାଖରେ ପହଞ୍ଚିଛି ତା'ର ପ୍ରଶଂସା କରିଥିଲେ। ସରପଞ୍ଚ ସାହୁ ବିଧାୟକଙ୍କ ପ୍ରଶଂସା କରିବା ସହ ବିଧାୟକଙ୍କ ସରଳତାର ସୁଯୋଗ ନେଇ କେତେକ ବ୍ୟକ୍ତି ନିଜର ସ୍ୱାର୍ଥ ସାଧନ କଲାପରେ ଏବେ ଦଳବିରୋଧୀ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ଶୀଘ୍ର ମୁଖା ଖୋଲିବ ବୋଲି ପ୍ରକାଶ କରିଥିଲେ। ଏହି ସମାବେଶରେ ବିଜେଡିର ବହୁ ଜନପ୍ରତିନିଧି କର୍ମୀ, ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

## ଗୀତା ଜୟନ୍ତୀ ଉତ୍ସବ

କୁକୁଡାଖଣ୍ଡି,୨୧।୧୨(ଡି.ଏନ.ଏ.)

କୁକୁଡାଖଣ୍ଡି ବ୍ଲକ କୁକୁଡାଖଣ୍ଡି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୀତା ଜୟନ୍ତୀ ଉତ୍ସବ ଗୁରୁବାର ଆରମ୍ଭ ହୋଇଯାଇଛି। ଏହା ଶନିବାର ପର୍ଯ୍ୟନ୍ତ ଚାଲିବ। ଏଥିସହ ୭ଦିନ ଧରି ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ। ପ୍ରବଚକ ଭାବେ ଭୁବନେଶ୍ୱରର ସୋମନାଥ ଦାଶ ମହାରାଜଙ୍କୁ ନିମନ୍ତ୍ରଣ କରାଯାଇଛି। ଗୁରୁବାର ପୂର୍ବାହ୍ନରେ କଳସ ଯାତ୍ରା ହୋଇଛି। ପ୍ରତିଦିନ ଘୃତଯଜ୍ଞ ଅନୁଷ୍ଠିତ ହେବ। ଜଗନ୍ନାଥ ମନ୍ଦିର କମିଟି ଏବଂ ଗ୍ରାମବାସୀ ମିଳିତ ଭାବେ ଏହି ଗୀତା ଜୟନ୍ତୀ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି।

## ଆଦର୍ଶ ବିଦ୍ୟାଳୟ ଅଭିଭାବକ ସମ୍ମିଳନୀ




ଶାସନଆମ୍ବଗାଁ ଆଦର୍ଶ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ।

ହିଞ୍ଜିଳିକାଟୁ,୨୧।୧୨ (ଡି.ଏନ୍.ଏ.)

ହିଞ୍ଜିଳିକାଟୁ ବ୍ଲକ ଶାସନଆମ୍ବଗାଁ ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସପାଲ ଅରୁଣ କୁମାର ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟି ସଦସ୍ୟାସଦସ୍ୟ ଓ ବହୁ ଅଭିଭାବକ ଯୋଗ ଦେଇଥିଲେ। ସ୍କୁଲର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଗୁଣାତ୍ମକ ଶିକ୍ଷାଦାନ ପାଇଁ ଶିକ୍ଷକ ସଂଖ୍ୟା ବୃଦ୍ଧି ଓ ଅନ୍ୟ ସମସ୍ୟା ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ହୋଇଥିଲା। ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଶୀତକାଳୀନ ସ୍ୱତନ୍ତ୍ର କୋଚିଂ ସ୍କୁଲରେ ପ୍ରଦାନ ପାଇଁ ନିଷ୍ପତି ହୋଇଥିଲା। ଏଥିରେ ହେମନ୍ତ କୁମାର ପାଢୀ, ମଙ୍ଗରାଜ ମଲିକଙ୍କ ସହ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

## ବିରଞ୍ଚିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡ଼ା,୨୧।୧୨(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବିରଞ୍ଚିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସୀତାରାମ ସେଠୀଙ୍କ ଅଧକ୍ଷତାରେ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଇଓ ରସାନନ୍ଦ କର ଓ ସମ୍ମାନିତ ଅତିଥି ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ସରପଞ୍ଚ ସୁନିତା ଦେବୀ ସାହୁ ଯୋଗଦେଇ ନିଷ୍ଠାର ସହ ଅଧ୍ୟୟନ କରିବାକୁ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଚିତ୍ରଶିଳ୍ପୀ ସ୍ଥିତଧି ରଥଙ୍କ ଦ୍ୱାରା ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର ଜଙ୍ଗଲ ଅଦାଲତକୁ ବିଇଓ ଲୋକାର୍ପିତ କରିଥିଲେ ।

## ଡାକ୍ତର ଅସୁସ୍ଥ, ରୋଗୀସେବା ଠପ୍



ରୋଗୀମାନେ ଅପେକ୍ଷା କରିଛନ୍ତି।

କୋଦଳା,୨୧।୧୨(ଡି.ଏନ୍.ଏ.)

କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜଣେ ଡାକ୍ତର ସୀମାଞ୍ଚଳ ଡାକୁଆଙ୍କୁ ନେଇ ପରିଚାଳିତ ହେଉଥିଲା। ଶୁକ୍ରବାର ସେ ରକ୍ତଚାପରେ ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଫଳରେ ଦୂରରୁ ଆସିଥିବା ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। କୋଦଳା ଓ ବେଗୁନିଆପଡ଼ା ବ୍ଲକର ୨୩ଟି ପଞ୍ଚାୟତର ଲୋକମାନେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଉପରେ ନିର୍ଭର କରୁଥିବା ବେଳେ ପ୍ରତିଦିନ ଗର୍ଭବତୀ ଓ ଶିଶୁ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଦୀର୍ଘବର୍ଷ ଧରି କେବଳ ଜଣେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ଗୋଟିଏ ଔଷଧ ବିଭାଗ ଡାକ୍ତରରେ ଚାଲିଥିଲା। କିନ୍ତୁ ୧୦ ଦିନ ପୂର୍ବେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶିବପ୍ରସାଦ ସାହୁଙ୍କର ବଦଳି ହୋଇଯିବା ପରେ ଡାକ୍ତର ଡାକୁଆ ରୋଗୀ ସେବା କରି ଅସୁସ୍ଥ ହୋଇଛନ୍ତି। ଏ ନେଇ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳିଲା ନାହିଁ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଦାନନ୍ଦ ମିଶ୍ରଙ୍କ ସହ ଯୋଗାଯୋଗରେ ତୁରନ୍ତ ଏହା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

ସୂର୍ଯ୍ୟଙ୍କ ଗଡ଼ରେ ସଭା, ଶୋଭାଯାତ୍ରା

# ଦିଗପହଣ୍ଡିରେ କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

ଦିଗପହଣ୍ଡି,୨୧।୧୨(ଡି.ଏନ.ଏ.)

ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଗଡ଼ ଦିଗପହଣ୍ଡିରେ ଶୁକ୍ରବାର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଇଂ. ଉତ୍ତମ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ପ୍ରତିବାଦ ସଭାରେ ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ରାଜ୍ୟ ସଂଯୋଜକ ସୂର୍ଯ୍ୟ ନାରାୟଣ ଦାସ, ପ୍ରଭାରୀ ସରୋଜ ସାହୁ, ଭାଜପା ଗଞ୍ଜାମ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବନଜା ପଣ୍ଡା, ସନ୍ତୋଷ ସାହୁ, ଶୁଭ୍ରାଂଶୁ ପ୍ରଧାନ, ପ୍ରଶାନ୍ତ ପାଢ଼ୀ, ଦିଲ୍ଲୀପ ପ୍ରଧାନ, ରାଜେନ୍ଦ୍ର ଚୌଧୁରୀ, ପଞ୍ଚୁ ସେଠୀ, ପ୍ରଦୀପ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।




ଶୋଭାଯାତ୍ରାରେ ଦଳୀୟ କାର୍ଯ୍ୟକର୍ତ୍ତା।

ଧାନର ସହାୟକ ମୂଲ୍ୟ ଉପରେ ବୋନସ ପ୍ରଦାନ, ଧାନମଣ୍ଡିରେ କଟନି ଛଟନି ବନ୍ଦ, ଚାଷୀଙ୍କ ଋଣ ଛାଡ଼ କରିବା ସହ ସ୍ୱତନ୍ତ୍ର ପ୍ୟାକେଜ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ଆଦି ଦାବି ନେଇ ବିଡିଓ ହଳଧର ଶବରଙ୍କ ଜରିଆରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ରେ ଚାଷୀଙ୍କ ପାଇଁ ଫସଲ ବୀମା ପ୍ରଣୟନ କରିବା ଦ୍ୱାରା ବହୁ ସଂଖ୍ୟକ ଚାଷୀ ଉପକୃତ ହୋଇଥିବା କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଇଂ. ଉତ୍ତମ କୁମାର ପାଣିଗ୍ରାହୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଶେଷରେ ଦଳୀୟ କର୍ମୀଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା ।

ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟ

## ଜୟପୁର କଲେଜ ବିଜୟୀ

ଦିଗପହଣ୍ଡି/ ପାଟପୁର, ୨୧।୧୨ (ଡି.ଏନ.ଏ.)-

ପାଟପୁର କଲେଜ ଖେଳ ପଡ଼ିଆରେ ଚାଲିଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚ୍‌ରେ ଚାନ୍ଦିପୁଟ ଇନ୍ଦିରା ପ୍ରିୟଦର୍ଶିନୀ କଲେଜ କ୍ରିକେଟ ଟିମ୍‌କୁ ହରାଇ ଜୟପୁର ବିକ୍ରମଦେବ କଲେଜ କ୍ରିକେଟ ଟିମ୍ ବିଜୟୀ ହୋଇଛି । ଜୟପୁର କଲେଜ ଟସ୍ ଜିଣି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୬୪ ରନ ହାସଲ କରିଥିଲା । ଜବାବରେ ଚାନ୍ଦିପୁଟ କଲେଜ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୫୫ ରନ୍ କରି ପରାଜିତ ହୋଇଥିଲା । ପ୍ରମୋଦ କୁମାର ପଣ୍ଡା, ଶୁକଦେବ ସ୍ୱାଇଁ, ଚିକିନା ପାତ୍ର ମ୍ୟାଚ୍‌ରେ ଅମ୍ପାୟର ଥିଲେ । ପାଟପୁର କଲେଜ କ୍ରୀଡ଼ା ସଂସଦ ଉପାଧକ୍ଷ ଅମିୟ କୁମାର ପାଢ଼ୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ାଧିକାରୀ ରବୀନ୍ଦ୍ର ମିଶ୍ର, ପାଟପୁର କଲେଜ କ୍ରୀଡ଼ା ଅଧାପକ ଲକ୍ଷ୍ମଣ ସାହୁ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଯୁବକଙ୍କ ଛୁରାମାଡ଼ରେ ଯୁବତୀ ଆହତ

ଜି.ଉଦୟଗିରି,୨୧।୧୨(ଡି.ଏନ୍.ଏ.): ଜି. ଉଦୟଗିରି କ୍ଲବସାହି ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଛୁରାମଡ଼ରେ ଜନୈକା ଯୁବତୀ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଜି.ଉଦୟଗିରି ହସ୍ପିଟାଲରେ ଚିକିତ୍ସିତ କରାଯାଉଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ଏତଲା ଦିଆଯାଇ ନ ଥିବା ବେଳେ ପୋଲିସ ଘଟଣା ଉପରେ ନଜର ରଖିଛି। ଏତଲା ପାଇଲେ ମାମଲା କରାଯିବ ବୋଲି ଜି.ଉଦୟଗିରି ଏସ୍ଆଇ ତୃପ୍ତି ରଞ୍ଜନ ନାୟକ କହିଛନ୍ତି। ରାଇକିଆ ଥାନା ଅଞ୍ଚଳର ଯୁବତୀ ଜଣକ କମ୍ପ୍ୟୁଟର ଶିଖିବା ପାଇଁ ଜି.ଉଦୟଗିରି ଆସିବା ବେଳେ ତାଙ୍କୁ ପଛପଟୁ ଯୁବକ ଜଣକ ଆକ୍ରମଣ କରିଥିଲେ। ଯୁବକ ଜଣକ ମଧ ରାଇକିଆ ଅଞ୍ଚଳର। ତାଙ୍କୁ କ'ଣ ପାଇଁ ଯୁବକ ଜଣକ ଆକ୍ରମଣ କଲେ ଜଣାପଡିନାହିଁ।

### ଆମ ପୋଲିସ ସମିତି ବୈଠକ



ଶଙ୍କରାଖୋଲ,୨୧।୧୨(ଡି.ଏନ୍.ଏ.): ଟିକାବାଲି ଥାନାରେ ଗୁରୁବାର ସନ୍ଧ୍ୟାରେ ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀଙ୍କ ଅଧକ୍ଷତାରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଧକ୍ଷା ସୁଚିତ୍ରା ପ୍ରଧାନ, ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା ପ୍ରମୁଖ ଯୋଗଦେଇ ଟିକାବାଲି ଥାନା ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଟିକାବାଲିରେ କିପରି ଶୃଙ୍ଖଳିତ ଭାବେ ଖ୍ରୀଷ୍ଟଧର୍ମାବଲମ୍ବୀ ବଡ଼ଦିନ ପର୍ବ ପାଳନ କରିବେ ସେ ନେଇ ହିନ୍ଦୁ ଓ ଖ୍ରୀଷ୍ଟିଆନଙ୍କୁ କହିବା ସହ ଉଭୟ ସମ୍ପ୍ରଦାୟ ମଧରେ ସୁସମ୍ପର୍କ ସ୍ଥାପନ ଉପରେ ଶଙ୍କରାଖୋଲ ସରପଞ୍ଚ ଚିତ୍ର କହଁର, କଟିମାହା ସରପଞ୍ଚ ଅକ୍ଷୟଲତା ପ୍ରଧାନ, ଗୋକୁଳାନନ୍ଦ ପ୍ରଧାନ ପ୍ରମୁଖ ଅତିଥିମାନେ କହିଥିଲେ। ଥାନା ଅଧିକାରୀ ସାଇବର କ୍ରାଇମ ଉପରେ ସଚେତନ କରାଇବା ସହ ପୋଲିସ ସହିତ ଜନସାଧାରଣ ସୁସମ୍ପର୍କ ରଖିବାରୁ ଅନୁରୋଧ କରିଥିଲେ। ଏଥିରେ ରାମବିଶ ଦିଗାଳ, ପ୍ରକାଶ ସମେତ ବିଭିନ୍ନ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

### ୨୬ରୁ ଗ୍ରାମାଞ୍ଚଳ ଭଲିବଲ ଟୁର୍ନାମେଣ୍ଟ

ଫୁଲବାଣୀ ଅଫିସ, ୨୧।୧୨: କନ୍ଧମାଳ ଜିଲା ଫୁଲବାଣୀ କରୋନେସନ ପଡିଆରେ ଆସନ୍ତା ୨୬ରୁ ଗ୍ରାମାଞ୍ଚଳ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଫୁଲବାଣୀ କ୍ଲବ ପକ୍ଷରୁ ଫ୍ଲଡ ଲାଇଟରେ ହେବାକୁ ଥିବା ଦିବାରାତ୍ର ମ୍ୟାଚରେ ଜିଲାର ମୋଟ ୨୬ଟି ଟିମ୍ ଭାଗ ନେଇଛନ୍ତି। ଏହି ଖେଳ ୩୧ରେ ଶେଷ ହେବ ବୋଲି ଶୁକ୍ରବାର ଫୁଲାବାଣୀ କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂସୁଚନା ଦିଆଯାଇଛି। ମୋଟ ୪ଟି ଗ୍ରୁପରେ ଖେଳ ହେବ। ଟୁର୍ନାମେଣ୍ଟର ନିୟମ ବିଷୟରେ ସମସ୍ତ ଟିମ୍ କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଛି ବୋଲି କ୍ଲବ ସମ୍ପାଦକ ଅଜୟ ସିଂ ପ୍ରକାଶ କରିଛନ୍ତି। ଏହି ଅବସରରେ କେତେକ ଟିମ୍ ମଧ ଉପସ୍ଥିତ ଥିଲେ।

## ବଡ଼ଦିନ ପାଳନ ପାଇଁ ଶାନ୍ତି କମିଟି ବୈଠକ

# ଭାଇଚାରା ରଖି ପ୍ରଗତିରେ ସାମିଲ ଆହ୍ୱାନ

ଫୁଲବାଣୀ ଅଫିସ, ୨୧।୧୨



ବୈଠକରେ ଜିଲାପାଳ, ଏସ୍ପି ଓ ଅନ୍ୟମାନେ।

କନ୍ଧମାଳ ଜିଲାରେ ବଡ଼ଦିନ ଓ ନୂତନ ବର୍ଷ ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଶୁକ୍ରବାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଜିଲାପାଳ ଡା. ବୃନ୍ଦା ଡି. ଏଥିରେ ଅଧକ୍ଷତା କରି ସମସ୍ତେ ଭାଇଚାରା ଓ ସଦ୍‌ଭାବନା ମନୋଭାବ ରଖି ଜିଲାର ପ୍ରଗତିରେ ସାମିଲ ହେବାକୁ କହିବା ସହ ଭଲରେ ବଡଦିନ ଏବଂ ନୂଆବର୍ଷ ପାଳିବାକୁ ପରାମର୍ଶ ଦେଇଥିଲେ। ଏସ୍ପି ପ୍ରତୀକ ଗୀତା ସିଂ ଏହି ବୈଠକ ବର୍ଷ ଶେଷରେ ସମସ୍ତଙ୍କୁ ମିଶିବାର ଓ ଭାବ ଆଦାନପ୍ରଦାନ କରିବାର ଏକ ମାଧମ ବୋଲି ପ୍ରକାଶ କରିଥିଲେ। ଜିଲାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବାହିନୀ ସଦା ପ୍ରସ୍ତୁତ ରହିଛି ଏବଂ ଜନସାଧାରଣ ସହଯୋଗ

**ସହଯୋଗ କରିବ କୁଇ ସମାଜ**

କରିବାକୁ ନିବେଦନ କରିଥିଲେ। ଜିଲାରେ ଶାନ୍ତିଶୃଙ୍ଖଳା ଏବଂ ଭାଇଚାରା ମନୋବୃତି ବଜାୟ ରହିବ। ସମସ୍ତବର୍ଗର ଜନସାଧାରଣ ଖ୍ରୀଷ୍ଟିୟାନ୍ ଭାଇମାନଙ୍କର ଉତ୍ସବରେ ସାମିଲ ହେବାରେ କୌଣସି ପ୍ରତିବନ୍ଧକ ନାହିଁ। ଶାନ୍ତିଶୃଙ୍ଖଳାରେ ଏହି ଉତ୍ସବ ସମାପନରେ କୁଇ ସମାଜ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁର କହିଥିଲେ। ଖ୍ରୀଷ୍ଟିୟାନ୍ ଜନ କଲ୍ୟାଣ ସମ୍ମିଳନୀର ସମ୍ପାଦକ ରଞ୍ଜିତ କୁମାର ଦିଗାଲ ଏହି ପାରମ୍ପାରିକ ଉତ୍ସବରେ ଯୋଗଦେବା ପାଇଁ ସମସ୍ତ ବର୍ଗର ଜନସାଧାରଣଙ୍କୁ ନିବେଦନ କରିଥିଲେ। ବୈଠକରେ ବାଲିଗୁଡ଼ା ଉପ ଜିଲାପାଳ ସିନ୍ଧେ ଦତାତ୍ରେୟ ଭୌସାହେବ, ଉପ ଜିଲାପାଳ ନିମାଇଁ ଚରଣ ସୁତାର, ଜିଲା ମଙ୍ଗଳ ଅଧିକାରୀ ଚାରୁଲତା ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବି. ଭୁଜଙ୍ଗ ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ବ୍ୟାଙ୍କ ଧର୍ମଘଟ ପାଇଁ ଗ୍ରାହକ ହଟହଟା

ଦାରିଙ୍ଗବାଡି,୨୧।୧୨(ଡି.ଏନ୍.ଏ.)



ବ୍ୟାଙ୍କକୁ ଆସିଥିବା ଗ୍ରାହକ ମାନେ।

ମଙ୍ଗଳବାର ବଡଦିନ, ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ ପାଇଁ ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ରହିଥିବା ଶତାଧିକ ଚର୍ଚ୍ଚ ସମେତ ପ୍ରାର୍ଥନାଗୃହରେ ଜୋରଦାରର ପ୍ରସ୍ତୁତି ଚାଲିଛି। ମାତ୍ର ବ୍ୟାଙ୍କ ପ୍ରତିଷ୍ଠାନ ଗୁଡିକ ଶୁକ୍ରବାର ବନ୍ଦ ରହିଥିବାରୁ ଲୋକ ଟଙ୍କା ଉଠାଇ ନ ପାରି ହଟହଟା ହୋଇଛନ୍ତି। ବଡଦିନ କିଣାକିଣି ପାଇଁ ନଗଦ ଟଙ୍କା ବାଧକ ସାଜିଛି। ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟକରି ଲୋକେ ମଜୁରୀ ପାଇବାକୁ ରହିଥିବା ବେଳେ କିଛି ଅଭିଭାବକ ତାଙ୍କ ପିଲାଙ୍କ ସରକାରୀ ବୃତ୍ତି ଟଙ୍କା ବାନ୍ଧିବାକୁ ବ୍ୟାଙ୍କକୁ ଆସି ନିରାଶ ହୋଇଥିବା ଦେଖିବାକୁ ମିଳିଛି। ଦାରିଙ୍ଗବାଡିର ଅନେକ ଗ୍ରାମ ଅପହଞ୍ଚ ଅଞ୍ଚଳରେ ରହିଥିବା ବେଳେ ବ୍ୟାଙ୍କ ଧର୍ମଘଟ ସମ୍ପର୍କରେ ଅନେକ ଲୋକ ଜାଣିପାରି ନ ଥିବା ତିଲୋରୀ ପଞ୍ଚାୟତ ଟକିମାହଂ ଗ୍ରାମର ନାମନ୍ତୀ ପ୍ରଧାନ, ମିନତୀ ପ୍ରଧାନ ପ୍ରମୁଖ କହିଛନ୍ତି। ପ୍ରକାଶ ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫିସର୍ସ ୟୁନିୟନ ପକ୍ଷରୁ ବିଭିନ୍ନ ଦାବି ନେଇ ଏହି ଧର୍ମଘଟ କେବଳ ଶୁକ୍ରବାର ପାଇଁ ଦିଆଯାଇଥିବା ବେଳେ ଚତୁର୍ଥ ଶନିବାର ଓ ରବିବାର ଛୁଟି ଯୋଗୁ ବ୍ୟାଙ୍କ ବନ୍ଦ ରହିବ। ୩ଦିନ ବ୍ୟାଙ୍କ ବନ୍ଦ ଯୋଗୁ ଗ୍ରାହକ ହଟହଟା ହେବା ସହ ବେପାର ମଧ ମାନ୍ଦା ପରିଲକ୍ଷିତ ହୋଇଛି।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜଗନ୍ନାଥପ୍ରସାଦ,୨୧।୧୨

ଜଗନ୍ନାଥପ୍ରସାଦ ସ୍ଥିତ ଆଞ୍ଚଳିକ ଜୁନିୟର ମହାବିଦ୍ୟାଳୟ ପରିସରରେ ଡ. ଜୟଦେବ ଗୌଡ଼ଙ୍କ ନେତୃତ୍ୱରେ ୯୦ ଛାତ୍ରୀଙ୍କୁ ନେଇ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବ ଭାରପ୍ରାପ୍ତ ଅଧକ୍ଷ ଡ. ଶାନ୍ତନୁ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ବାସୁଦେବ ପାଣ୍ଡେ, ମୁଖ୍ୟବକ୍ତା ଭାବେ ଥାନାଧିକାରୀ ବୈଦେହୀ ବେହେରା ପ୍ରମୁଖ ଯୋଗଦେଇ ନାରୀ ସଶକ୍ତୀକରଣ ଓ ନାରୀ ସୁରକ୍ଷା ପାଇଁ କ'ଣ ନିୟମ ରହିଛି ଏବଂ କଲେଜ ଛାତ୍ରୀମାନେ କାହିଁକି ଆତ୍ମସୁରକ୍ଷା ପ୍ରଶିକ୍ଷଣ ନେବା ଆବଶ୍ୟକ ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଅତିଥିଭାବେ ରବିନାରାୟଣ କର ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷିକା ଜ୍ୟୋତିରାଣୀ ସ୍ୱାଇଁ ଓ ଅହଲ୍ୟା ବେହେରା ଛାତ୍ରୀମାନଙ୍କୁ ନେଇ କେତୋଟି କୌଶଳ ପ୍ରଦର୍ଶନ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର




ଛାତ୍ରୀମାନେ ସୁରକ୍ଷା କୌଶଳ ପ୍ରଦର୍ଶନ କରୁଛନ୍ତି ।

ଶଙ୍କରାଖୋଲ,୨୧।୧୨(ଡି.ଏନ୍.ଏ.)

ଶଙ୍କରାଖୋଲ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ନେଇ ଦ୍ୱିତୀୟ ପର୍ଯ୍ୟାୟରେ ବୁଧବାର ଆତ୍ମସୁରକ୍ଷା ତାଲିମ ଶିବିର ଡ. ସନ୍ତୋଷ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରତିନିଧି ଖଗେଶ୍ୱର ପଟ୍ଟନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବ୍ୟାଙ୍କଶାଖା ପରିଚାଳକ ଅନିରୁଦ୍ଧ ପ୍ରଧାନ, ମୁଖ୍ୟବକ୍ତା ବିଷ୍ଣୁଚରଣ ଦିଗାଲ, ସମ୍ମାନିତ ଅତିଥି ଡ. ବାବୁଲ ପାଢ଼ୀଯୋଶୀ, ଖବରଦାତା ସରୋଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ପ୍ରଥମ ପର୍ଯ୍ୟାୟରେ ୬୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ୪୮ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ସହ ଅନ୍ୟକୁ ସୁରକ୍ଷା ଦେବା ପାଇଁ ତାଲିମ ପ୍ରଦାନ କରାଯାଇଛି। ସଂଯୋଜକ ଶିବରାମ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କଲେ ମନ୍ତ୍ରୀ

ପାତ୍ରପୁର,୨୧।୧୨(ଡି.ଏନ୍.ଏ.)

ତିତ୍‌ଲି ପ୍ରଭାବିତ ୩ଟି ଆଦିବାସୀ ପଞ୍ଚାୟତରେ ଶୁକ୍ରବାର ଯୋଜନା ଓ ସଂଯୋଜନା, ଦକ୍ଷତା ବିକାଶ ମନ୍ତ୍ରୀ ଉଷାଦେବୀ ପହଞ୍ଚି ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ବୁରାତାଲ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଅନୁଷ୍ଠିତ ସଭାରେ ପଞ୍ଚାୟତର ୬୦ ହିତାଧିକାରୀଙ୍କୁ ଏବଂ ତୁମ୍ବା ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ପହଞ୍ଚି ତୁମ୍ବା ପଞ୍ଚାୟତର ୧୭୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ବିଡିଓ ସଞ୍ଜୀବ ରାଜ ସେନାପତି, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ, ଆଲୋକ ସେଠୀ, ହେମଲତା ଜାନି, ସମିତି ସଭ୍ୟା ରାଜେଶ୍ୱରୀ ସାହୁ, ରାମଚନ୍ଦ୍ର ସେଠୀ, ବାସନ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



ଅଜୟ



ଦୀପକ




ଅଞ୍ଜୟ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଇ-ଲାଇବ୍ରେରୀ

ଫୁଲବାଣୀ ଅଫିସ, ୨୧।୧୨

କନ୍ଧମାଳ ଜିଲା ସଦର ମହକୁମାରେ ଏକ ଇ-ଲାଇବ୍ରେରୀ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଏ ନେଇ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ବୃନ୍ଦା ଡି ଏଥିରେ ଅଧକ୍ଷତା କରିଥିଲେ। ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ଆବାହକ ଭାବେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା ପରେ ଇ-ଲାଇବ୍ରେରୀର ସଫଳ କାର୍ଯ୍ୟକାରିତା ପାଇଁ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ଛାତ୍ର, ଅଧାପକ, ଗବେଷକ ଓ ଅନୁସନ୍ଧିତ୍ସୁ ବ୍ୟକ୍ତିମାନଙ୍କ ପାଇଁ ଏହି ଇ-ଲାଇବ୍ରେରୀ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଖୋଲା ରହିବାକୁ ନିଷ୍ପତି ନିଆଯାଇଛି। ଶୁକ୍ରବାର ଲାଇବ୍ରେରୀ ବନ୍ଦ ରହିବା ସହ ରବିବାର ଏହା କାର୍ଯ୍ୟକ୍ଷମ ହେବ। ସରକାରଙ୍କ ସମସ୍ତ ଛୁଟି ଦିବସରେ ଏହା ବନ୍ଦ ରହିବ। ପ୍ରତ୍ୟେକ ସଭ୍ୟଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ ଏବଂ ବାର୍ଷିକ ଦେୟ ଆଦାୟ କରାଯିବ। ବରିଷ୍ଠ ନାଗରିକମାନଙ୍କ ପାଇଁ ବାର୍ଷିକ ୩୦୦ ଟଙ୍କା, ଛାତ୍ର ଓ ଅନ୍ୟାନ୍ୟ ବର୍ଗର ଲୋକଙ୍କ ପାଇଁ ୫୦୦ ଟଙ୍କା ବାର୍ଷିକ ଦେୟ ଧାର୍ଯ୍ୟ ହୋଇଛି। ବୈଠକରେ ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ଜିଲା ଲେଖକ ସାମ୍ମୁଖ୍ୟର ସଭାପତି ରବୀନ୍ଦ୍ର ନାଥ ମିଶ୍ର, ଅଧାପିକା ଜ୍ୟୋତିର୍ମୟୀ କହଁର, ଜିଲା ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବି. ଭୁଜଙ୍ଗ ରାଓ, ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାହ୍ମଣୀଗାଁରେ ଶାନ୍ତି କମିଟିର ବୈଠକ

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୨୧।୧୨(ଡି.ଏନ.ଏ)



ଶାନ୍ତି କମିଟି ବୈଠକରେ ଉପସ୍ଥିତ ଥାନା ଅଧିକାରୀ ଓ କର୍ମଚାରୀ।

ବ୍ରାହ୍ମଣୀଗାଁ ଥାନା ପରିସରରେ ଶୁକ୍ରବାର ଥାନା ଅଧିକାରୀ ଜୟଚନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ୮ ପଞ୍ଚାୟତକୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳାରେ ବଡଦିନ ପାଳନ ପାଇଁ କମିଟି ପକ୍ଷରୁ ନିଷ୍ପତି ନିଆଯାଇଛି। କୌଣସି ଅସାମାଜିକ, ଅଜଣା ବ୍ୟକ୍ତି କୌଣସି ସ୍ଥାନରେ ବିଭ୍ରାଟ ସୃଷ୍ଟିକଲେ ଥାନାକୁ ଖବର ଦେବାସହ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କୁ ଅବଗତ କରାଇବା ପାଇଁ କୁହାଯାଇଥିଲା। ବଡଦିନ ସହ ଇଂରାଜୀ ନୂତନବର୍ଷ ପାଳନପାଇଁ ବ୍ରାହ୍ମଣୀଗାଁ ସମେତ ଗଦାପୁର, ହାତିମୁଣ୍ଡା, ଝିଞ୍ଜିରିଗୁଡା, କୁମ୍ଭାରିଗାଁ, କାଟିଙ୍ଗିଆ, ସରାମୁଲି, ତାଜୁଙ୍ଗିଆ ଅଞ୍ଚଳର ସମସ୍ତ

■ ଅଜଣା ବ୍ୟକ୍ତି ବିଭ୍ରାଟ କଲେ ପୋଲିସକୁ ଜଣାଇବାକୁ ପରାମର୍ଶ

ପ୍ରାର୍ଥନାଗୃହ ସମେତ ଚର୍ଚ୍ଚ ଗୁଡିକରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୈଠକରେ ଅନ୍ୟମାନଙ୍କ ମଧରେ ସବଇନ୍ସପେକ୍ଟର ସଂଗ୍ରାମ ଦେଓ, ଏଏସଆଇ ପ୍ରମୋଦଦିପ୍ ଯୋଗଦେଇଥିବା ବେଳେ ଶାନ୍ତି କମିଟିର ଚିତ୍ରସେନ ପାତ୍ର, ବିକ୍ରମ ବସ୍ତରାୟ, ନଳିନିକାନ୍ତ ଦେଓ, ଦିଲିପ ବଳିଆରସିଂ, ହାଡିବନ୍ଧୁ ରାଉତ, କାଳିଆ ପ୍ରଧାନୀଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ମତ ରଖିଥିଲେ।

# ଗ୍ରାମବାସୀ ଚିହ୍ନଟ କଲେ ଶ୍ମଶାନ ଜମି

ଦାରିଙ୍ଗବାଡି,୨୧।୧୨(ଡି.ଏନ.ଏ)



ଜମି ଚିହ୍ନଟ ପାଇଁ ଗ୍ରାମବାସୀ କାର୍ଯ୍ୟ କରୁଛନ୍ତି।

■ ସୀମା ନିର୍ଦ୍ଧାରଣ କରି ଖୁଣ୍ଟ ପୋତିଲେ

■ ଜବରଦଖଲ କଲେ ହେବ ଜରିମାନା

ଦାରିଙ୍ଗବାଡି ଥାନା ସିମନବାଡିଠାରେ ଥିବା ପୁଟାଡ ଶ୍ମଶାନ ଜମିକୁ ଗ୍ରାମବାସୀ ମେଳି ହୋଇ ଚିହ୍ନଟ କରିଛନ୍ତି। ସୀମା ନିର୍ଦ୍ଧାରଣ କରି ଖୁଣ୍ଟ ପୋତାଯିବା ସହ ସୂଚନା ଫଳକ ଲଗାଇଛନ୍ତି। ଗ୍ରାମର ସାରୁମାହା ସମେତ ସିମନବାଡି ଏବଂ ଯୁଡାବାଡି ଗ୍ରାମ୍ୟ କମିଟି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଶ୍ମଶାନ ଜମିକୁ କେତେକ ଲୋକ ଜବରଦଖଲ କରିବା ସହ ଜଙ୍ଗଲରୁ ବେଆଇନ ଭାବେ ଗଛ କାଟି ନେଇ ଯାଉଛନ୍ତି। ସମସ୍ତ ସମ୍ପ୍ରଦାୟର ଲୋକ ଏହି ଶ୍ମଶାନ ଉପରେ ନିର୍ଭର କରୁଛନ୍ତି। ଏନେଇ ପୂର୍ବରୁ ଗ୍ରାମରେ ଏକ ବୈଠକ କରାଯିବା ସହ ଲୋକଙ୍କୁ ଉକ୍ତ ଜମିକୁ କେବଳ ଶ୍ମଶାନ ପାଇଁ ବ୍ୟବହାର କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ଶତାଧିକ ଗ୍ରାମବାସୀ ଏକାଠି ହୋଇ ଶ୍ମଶାନ ଜମିର ସୀମା ନିର୍ଦ୍ଧାରଣ କରି ଖୁଣ୍ଟି ପୋତି ଚିହ୍ନଟ କରିଛନ୍ତି। ଏଥି ସହ ଏକ ସୂଚନା ଫଳକ ମଧ ପୋତାଯାଇଛି। ଶ୍ମଶାନ ଜମିକୁ ଜବର ଦଖଲ କରି ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଗ୍ରାମ୍ୟ କମିଟି ଏବଂ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଉଲ୍ଲେଖ ରହିଛି। ଏଠାରେ ଇଟା ଗଢିବା, ଶ୍ମଶାନ ଜଙ୍ଗଲରୁ କାଠ ଓ ପଥର ନେବା ଏବଂ ଗଛ ଡାଳ କାଟିବାକୁ ବାରଣ କରାଯାଇଛି। ଶ୍ମଶାନ ରାସ୍ତାର ଉଭୟ ପାଶ୍ୱରେ ଅତି କମ୍‌ରେ ୨୫ ଫୁଟ ପରେ ମୃତଦେହ ଦାହ କିମ୍ବା ପୋତିବାକୁ ନିୟମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ଡଟବର ପ୍ରଧାନଙ୍କ ସମେତ ସିମନ ପ୍ରଧାନ, ପ୍ରହ୍ଲାଦ ନାୟକ, ଉମେ ପ୍ରଧାନ, ସୁଜନ ନାୟକ, ନବୀନ ସାହୁ, କୁମୁଟି ମାଝୀ, ସଚି ନାୟକ, ଜଗଦିଶ ମାଝୀଙ୍କ ସମେତ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।

## ସଂକ୍ଷେପରେ



### ଜିଡିଏସ୍ ସଂଘର ଧର୍ମଘଟ

ବୈପାରୀଗୁଡ଼ା,୨୧।୧୨(ଡି.ଏନ୍.ଏ.): ଗତ ୧୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ବିଭିନ୍ନ ଦାବି ନେଇ ଜାତୀୟ ଗ୍ରାମୀଣ ଡାକ ସେବକ ସଂଘ ଆନ୍ଦୋଳନ ଚଳାଇଛି। ଏଥିରେ ବୈପାରୀଗୁଡ଼ା ବ୍ଲକ ଡାକ କର୍ମଚାରୀ ସାମିଲ ହୋଇଛନ୍ତି। ବ୍ଲକର ସମସ୍ତ ଅସ୍ଥାୟୀ ଡାକ କର୍ମଚାରୀ ସ୍ଥାନୀୟ ଉପ ଡାକଘର ସାମ୍ନାରେ ଧାରଣାରେ ବସିଛନ୍ତି। ଡାକଘର ଖୋଲାଯାଉଥିଲେ ମଧ କୌଣସି କାମ ହୋଇପାରୁ ନାହିଁ। ସେମାନଙ୍କ ଦାବି ହେଲା ଜିଡିଏସ୍ କମିଟି ରିପୋର୍ଟ ସଂପୂର୍ଣ୍ଣ ଲାଗୁ ହେବା, ୧୨,୨୪ ଓ ୩୬ ବର୍ଷ ଚାକିରିକାଳରେ ଆର୍ଥିକ ପଦୋନ୍ନତି, ୨୦ ବଦଳରେ ୩୦ ଦିନ ବାର୍ଷିକ ଛୁଟି, ନିଜ ଡିଭିଜନରେ ଜିଡିଏସ୍‌ଙ୍କୁ ସ୍ଥାନାନ୍ତର ସୁବିଧା, ବିପିଏମ୍‌ଙ୍କୁ ୧ ହଜାର ୬ ଶହ ଟଙ୍କା ଓ ଜିଡିଏସ୍‌ଙ୍କୁ ୮ ଶହ ଟଙ୍କା କଂପୋଜିଟ୍ ଆଲାଉନ୍ସ ଭଳି ଦାବି ରହିଛି। ଜିଡିଏସ୍ ଜଗଦିଶ କର, ସୀମାଞ୍ଚଳ ଡାକୁଆ, ଅରୁଣ ମିଶ୍ର, ଅନିଲ୍ ମଣ୍ଡଳ, ନରସିଂହ ନାୟକ, ବଳଭଦ୍ର ମାଝି, ଜୟକୃଷ୍ଣ ପ୍ରଧାନ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

### ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ କର୍ମକର୍ତ୍ତା ମନୋନୀତ




ଜୟପୁର,୨୧।୧୨(ଡି.ଏନ୍.ଏ.): ଜୟପୁର ଡିଭିଜନର ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ (ସାଉଥ୍‌କୋ)ର ନୂତନ କର୍ମକର୍ତ୍ତା ଶୁକ୍ରବାର ମନୋନୀତ ହୋଇଛନ୍ତି। ସ୍ଥାନୀୟ ରାଜୁସାହି କାର୍ଯ୍ୟାଳୟରେ ରାମକୃଷ୍ଣ ସାହୁଙ୍କ ଅଧକ୍ଷତା ଓ ସମସ୍ତଙ୍କ ଅନୁମୋଦନ କ୍ରମେ ୨୦୧୯ ପାଇଁ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ଡିଭିଜନ ସଂପାଦକ ଭାବେ ଗୋପୀନାଥ ସାହୁ, ସହ ସଂପାଦକ ରାଜେଶ ମହାରଣା, ସଂଗଠନ ସଂପାଦକ ବୃନ୍ଦାବନ ସାହୁ, କୋଷାଧକ୍ଷ ପି. ବାଲାଜୀ, ଉପଖଣ୍ଡ ସଂପାଦକ ନାରାୟଣ ପାଲ, ମନୋଜ ପଣ୍ଡା, ପରେଶ ସ୍ୱାଇଁ, ଅଫିସ ସଂପାଦକ ବି. ମୁରଲି ଓ ସୁରେନ୍ଦ୍ର ପୃଷ୍ଟି ମନୋନୀତ ହୋଇଛନ୍ତି। କେନ୍ଦ୍ରିୟ କାର୍ଯ୍ୟକାରିଣୀ ପାଇଁ ୯ ଜଣ ସଦସ୍ୟଙ୍କୁ ନିଆଯାଇଛି। ନୂତନ କର୍ମକର୍ତ୍ତାଙ୍କୁ ନେଇ ଆୟୋଜିତ ସାଧାରଣ ପରିଷଦ ବୈଠକରେ ତୁରନ୍ତ ନୂତନ କର୍ମଚାରୀ ନିଯୁକ୍ତି, ଆଉଟସୋର୍ସ କର୍ମଚାରଙ୍କୁ ବିଭାଗୀୟ ଭାବେ ନେବା ଓ ଅନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

### ୩୦ତମ ସିନିୟର କରାଟେ ଚାମ୍ପିୟନଶିପ୍

# ମଶାଲ ଶୋଭାଯାତ୍ରାରେ ଗଲେ ବିଧାୟକ




ଚାମ୍ପିୟନଶିପ୍ ପାଇଁ ମନ୍ଦିରରେ ପୂଜାର୍ଚ୍ଚନା ପରେ କ୍ରୀଡ଼ା ମଶାଲ ନେଇ ଶୋଭାଯାତ୍ରାରେ ଯାଉଛନ୍ତି ବିଧାୟକ ଏବଂ ଅନ୍ୟମାନେ।

**ଜୟପୁର,୨୧।୧୨(ଡି.ଏନ୍.ଏ./ନି.ପ୍ର.)**

ଜୟପୁରସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟସ୍ତରୀୟ ୩୦ତମ ସିନିୟର କରାଟେ ଚାମ୍ପିୟନଶିପ୍‌ର ଶୁଭାରମ୍ଭ ହୋଇଛି। ରାଜ୍ୟ ଓ ଜିଲା ଉତ୍କଳ କରାଟେ ସ୍କୁଲର ମିଳିତ ଆନୁକୂଲ୍ୟରେ ଏହି କ୍ରୀଡ଼ା ଆୟୋଜିତ ହେଉଛି। ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତଥା ଉତ୍କଳ କରାଟେ ସ୍କୁଲ ଅଧକ୍ଷ ତାରାପ୍ରସାଦ ବାହିନୀପତି ମଶାଲ ପ୍ରଜ୍ୱଳନ କରିବା ପରେ ଏକ ଶୋଭାଯାତ୍ରା ବାହାରି ଇନ୍‌ଡୋର ଷ୍ଟାଡିୟମରେ ପହଞ୍ଚିଥିଲା। ସେଠାରେ ଶପଥପାଠ ସହ କ୍ରୀଡ଼ାରେ ଯୋଗ ଦେଇଥିବା ରେଫରିମାନଙ୍କ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ପ୍ରତିଯୋଗୀମାନଙ୍କ ନାମ ପଞ୍ଜିକରଣ କରାଯାଇଥିଲା। ଏଥିରେ ୨୨ଟି ଜିଲାର ୪୦ ବାଳିକା ଏବଂ ୧୬୦ ବାଳକ ପ୍ରତିଯୋଗୀ ଏବଂ ୪୦ ଜଣ ଅଫିସିଆଲ ଯୋଗଦେବେ। ମଶାଲ ଶୋଭାଯାତ୍ରାରେ ଓସ୍କୋର ସଂପାଦକ ଡ. ହରି ପ୍ରସାଦ ପଟ୍ଟନାୟକ, ଜିଲା ସଂପାଦକ ଦୁର୍ଗା ପ୍ରସାଦ ରଥ, ଉପସଭାପତି ତଥା ମୁଖ୍ୟ ପରିଚାଳକ ମୁନା ସିଂ ଲାଲ, ଉପାଧକ୍ଷ ସଞ୍ଜୟ ଜୈନ, ସଭାପତି କୃଷ୍ଣଚନ୍ଦ୍ର ଦାଶ, କର୍ମକର୍ତ୍ତା ୱାଇ. ପ୍ରସାଦ, ସୁବ୍ରତ ପଣ୍ଡା, ରାମଚନ୍ଦ୍ର ସାମନ୍ତରା, ରବି ନାୟକ, ମାଧବ ରଥ ଯୋଗ ଦେଇଥିଲେ। ଆସନ୍ତା ୨୨ ତାରିଖ ଆନୁଷ୍ଠାନିକ ଶୁଭାରମ୍ଭ ପରେ ପୁରୁଷ ଓ ମହିଳା ବର୍ଗରେ ୫୬ଟି ପ୍ରତିଯୋଗିତା ଖେଳାଯିବ। ୨୩ ତାରିଖ ଏହା ଉଦ୍‌ଯାପିତ ହେବ।

# କୋରାପୁଟ ପୌରାଞ୍ଚଳ ବାହ୍ୟ ମଳମୁକ୍ତ ଘୋଷିତ

**କୋରାପୁଟ,୨୧।୧୨(ସ୍ୱ.ପ୍ର.)**

କୋରାପୁଟ ପୌରାଞ୍ଚଳକୁ ବାହ୍ୟ ମଳମୁକ୍ତ ଭାବେ ଶୁକ୍ରବାର ଘୋଷଣା କରାଯାଇଛି। ସ୍ଥାନୀୟ ପୂଜାରୀପୁଟ କଲ୍ୟାଣ ମଣ୍ଡପରେ ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ଝିନ୍ନ ହିକ୍‌କା ଏହି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶିକା ମଧୁମିତା ନାୟକ, ପୂର୍ବତନ ପୌରାଧକ୍ଷ ଭଗବାନ ବାହିନୀପତି ଯୋଗ ଦେଇଥିଲେ। ପୌର ନିର୍ବାହୀ ଯନ୍ତ୍ରୀ ରମେଶ ମହାରଣା, ସହକାରୀ ଯନ୍ତ୍ରୀ ମନୋଜ ପାତ୍ରଙ୍କ ସମେତ ପୂର୍ବତନ କାଉନସିଲର ନମିତା ମିଶ୍ର, ରାମଚନ୍ଦ୍ର ମାଝି, ଆଇନଜୀବୀ ଅଜିତ ପାତ୍ର, ରଘୁ ମାଛ, ଲଲାଟ ରଞ୍ଜନ ସେଠୀ ଉପସ୍ଥିତ ଥିଲେ। ପୌର କର୍ମଚାରୀ ସିମାଞ୍ଚଳ ପଡ଼ିଆରୀ, ଅଶୋକ ଶାହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ପୂଜାରୀପୁଟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସାଧାରଣ ସଭାରେ ଜିଲାପାଳ ଓ ଅନ୍ୟମାନେ।

# ସରସ୍ୱତୀ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ



ରୌପ୍ୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**କୋରାପୁଟ,୨୧।୧୨(ସ୍ୱ.ପ୍ର.)**

ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଦେବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ବିକାଶ ଘଟିବ। ଶୁକ୍ରବାର କୋରାପୁଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏହା କହିଛନ୍ତି। ବିଦ୍ୟାଳୟ ସଭାପତି ସୁବାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ମୁଖ୍ୟ ଅତିଥି ପଣ୍ଡା କହିଥିଲେ ଯେ, ଶିକ୍ଷାର ଉନ୍ନତି, ଦୁର୍ନୀତି ଉପରେ କଠୋର ପଦକ୍ଷେପ ଓ ଦାଦନ ଶ୍ରମିକ ଚାଲାଣ ଉପରେ ଅଙ୍କୁଶ ଲଗାଇଲେ ସୁସ୍ଥ ସମାଜ ଗଠନ ହୋଇପାରିବ। ସମ୍ମାନିତ ଅତିଥି ଭାବେ କୋରାପୁଟ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅମୂଲ୍ୟ ମହାପାତ୍ର, ମୁଖ୍ୟବକ୍ତା ଭାବେ ଗାୟତ୍ରୀ ବାହିନୀପତି, ବିଦ୍ୟାଳୟରସଂପାଦକ ପ୍ରଭାତ ମାଝି ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ମଡର୍ନ ଇଂରାଜୀ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ଜୟପୁର,୨୧।୧୨(ନି.ପ୍ର.)**

ଜୟପୁର ସ୍ଥିତ ମଡର୍ନ ଇଂରାଜି ବିଦ୍ୟାଳୟର ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡା, ଜୟପୁର ବିଇଓ ସରୋଜିନୀ ଦଣ୍ଡସେନା, ବିଦ୍ୟାଳୟ ସମ୍ପାଦକ ନୟନ ମହାନ୍ତି, ଅଧକ୍ଷ ସୁପ୍ରିୟା ପାଣିଗ୍ରାହୀ, କିଶୋର ହୋତା ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ଜୟପୁର ସ୍ଥିତ ମଡର୍ନ ଇଂରାଜି ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ।

# ପାନୀୟଜଳ ସମସ୍ୟା ଦୂର କର, ନହେଲେ ମତଦାନ ବର୍ଜନ

**ଦଶମନ୍ତପୁର,୨୧।୧୨(ଡି.ଏନ୍.ଏ.)**

ଜନପ୍ରତିନିଧି ହୁଅନ୍ତୁ ବା ପ୍ରଶାସନ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଭଣ୍ଡେଇ ଚାଲିଛନ୍ତି। ଗ୍ରାମର ପାନୀୟଜଳ ସମସ୍ୟା ଉତ୍କଟରୂପ ନେଇଥିବାବେଳେ ଏଥିପ୍ରତି କାହାର ନିଘା ନାହିଁ। ଏଥିପାଇଁ ଆଗାମୀ ନିର୍ବାଚନରେ ମତଦାନ ବର୍ଜନ କରିବୁ ବୋଲି ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପିଣ୍ଡାପଦର ଗ୍ରାମପଞ୍ଚାୟତ ଅଧୀନ ନୋକିମାଳ ଗାଁବାସୀ କହିଛନ୍ତି।

ଉକ୍ତ ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ୬୦ ପରିବାର ବସବାସ କରୁଥିବାବେଳେ ୩ଶହରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ପୂର୍ବରୁ ରହିଥିବା ନଳକୂଅ ଅଚଳ। ଯେଉଁ ନଳକୂଅ ସଚଳ ଅଛି, ସେଥିରେ ଧୀରେ ଧୀରେ ପାଣି ବାହାରୁ ଥିବାରୁ ଗାଁବାସୀ ଆବଶ୍ୟକ ମୁତାବକ ପାଣି ପାଇପାରୁ ନାହାନ୍ତି। ଦୀର୍ଘ ସମୟଧରି ନଳକୂଅ ନିକଟରେ ଅପେକ୍ଷା କଲେ ଗରାଏ ପାଣି ମିଳିଛୁ ବୋଲି ଚନ୍ଦ୍ର ଜାନି, ରାଇ ଦିସାରୀ, ଧନୁଆ ମୁଦୁଲି, କୁରୁଞ୍ଜି ଦିଶାରୀ, ଭୀମ ମୁଦୁଲି, ଶୁଆ ଦିଶାରୀ, କନ୍ଧୁଣି ଦିଶାରୀ, ସୁବତୀ ଦିଶାରୀ କହିଛନ୍ତି। ଗାଁଠାରୁ ୨ ଶହ ମିଟର ଦୂର ଚୁଆଁବେଡ଼ା ଝରରୁ ପାଣି ସଂଗ୍ରହ କରି ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ଲଗାଉଛନ୍ତି। ୨୦୦୭ରେ ଏହି ଝର ପାଣି ପିଇ ଅନେକ ଲୋକ ଅଜଣା ରୋଗରେ ପଡ଼ିଥିଲେ। ଗ୍ରାମରେ ଏକ ନଳକୂଅ ଖୋଳିବା ପାଇଁ ଦାବି ହୋଇଆସୁଥିଲେ ମଧ ବ୍ଲକ୍ ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହିଁ। ଏବେ ଯଦି କୌଣସି ଲୋକ ସେହି ଝର ପାଣି ପିଇ ରୋଗରେ ପଡ଼ନ୍ତି, ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବିଷ ପିଇ ମହିଳାଙ୍କ ମୃତ୍ୟୁ

**କୋରାପୁଟ/ନାରାୟଣପାଟଣା, ୨୧।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

ନାରାୟଣପାଟଣା ବ୍ଲକ ତେନ୍ତୁଳିପଦର ପଞ୍ଚାୟତର କଡାପୁଡ଼ା ଗ୍ରାମରେ ଶୁକ୍ରବାର ଜଣେ ମହିଳାଙ୍କ ବିଷ ପିଇ ମୃତ୍ୟୁ ହୋଇଛି। ମୃତକ ହେଲେ ବିକୁନୁ ବିଙ୍ଗଡିକାଙ୍କ ସ୍ତ୍ରୀ ସିଡି (୫୦)। ଶୁକ୍ରବାର ଘରେ କେହି ନଥିବା ବେଳେ ସେ ବିଷ ପିଇ ଜୀବନ ହାରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ମହିଳାଙ୍କ ମୃତଦେହ ତାଙ୍କ ଘରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନରେ ଏକ ଅପମୃତ୍ୟୁ ରୁଜୁ ହୋଇଛି। କେଉଁ କାରଣରୁ ମହିଳା ଜଣକ ବିଷ ପିଇଥିଲେ, ତାହା ଜଣାପଡ଼ି ନାହିଁ। ମହିଳାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି।

# ସୁନାବେଡ଼ାକୁ ବାହ୍ୟ ମଳମୁକ୍ତ ଘୋଷଣା

**ସୁନାବେଡ଼ା/ସେମିଳିଗୁଡା, ୨୧।୧୨(ସ୍ୱପ୍ର)**

ସୁନାବେଡ଼ା ପୌରାଞ୍ଚଳକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି। ଏନେଇ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ଓ ଯୁବ ବ୍ୟାପାରମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୌରାଧକ୍ଷା ଶୁଭଶ୍ରୀ ମଲ୍ଲିକ, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା, ଉପନଗରପାଳ ରତ୍ନାକର ନନ୍ଦ, ବିଜୟ ପଣ୍ଡା, ନିର୍ମଳ ମହାନ୍ତି, ଅମିତ ଅଗ୍ରୱାଲ, ଭରତ ମଲ୍ଲିକ, ରଘୁରାମ ମାଛ, ଚିତ୍ତରଞ୍ଜନ ସାହୁ, ଲକ୍ଷ୍ମୀ ମହାପାତ୍ରଙ୍କ ସହିତ ପୌରସଂସ୍ଥାର ସମସ୍ତ କର୍ମଚାରୀ ଓ କାଉନସିଲରମାନେ ଉପସ୍ଥିତ ଥିଲେ। ୫୮୭ଟି ବ୍ୟକ୍ତିଗତ, ୫୪ଟି ଗୋଷ୍ଠୀଗତ ଏବଂ ଆବାସ ଯୋଜନାରେ ୧୦୫୫ଟି ଶୌଚାଳୟ ନିର୍ମାଣ କରାଯାଇଥିବା ପୌରାଧକ୍ଷା କହିଛନ୍ତି। ସେମିଳିଗୁଡ଼ାର ରାଜୀବ କଲୋନୀରେ ନିର୍ମିତ ପାଣିଟାଙ୍କି ମୁଖ୍ୟ ଅତିଥି ଉଦ୍‌ଘାଟିତ କରିବା ସହିତ ଆଲାମ ଗୁଡ଼ାକୁ ପାଇପଲାଇନ୍ ସଂଯୋଗ ପାଇଁ ଭିତ୍ତିପ୍ରସ୍ତରର ଶୁଭଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କ୍ରୀଡ଼ା ମନ୍ତ୍ରୀ ବିଳମ୍ବରେ ପହଞ୍ଚିଥିବାରୁ ଏହାକୁ ନେଇ ଉପସ୍ଥିତ ଜନତା ଅସନ୍ତୋଷବ୍ୟକ୍ତ କରିଛନ୍ତି।




ସୁନାବେଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଶପଥପାଠ କରୁଛନ୍ତି।

# ସ୍କୁଲରେ ୩ ଶୌଚାଳୟ ନିର୍ମାଣକଲେ ପୁରାତନ ଛାତ୍ର

**ଜୟପୁର,୨୧।୧୨(ଡି.ଏନ୍.ଏ.)**

ଜୟପୁର ଖ୍ରୀଷ୍ଟିଆନ ପେଟାରେ ଥିବା ଜେଇଏଲସି ପ୍ରାଥମିକ ବିଦ୍ୟାଳୟର ତିନୋଟି ଶୌଚାଳୟ ନିର୍ମାଣ କଲେ ପୁରାତନ ଛାତ୍ର ଅକ୍ଷୟ ସାଗର। ତାଙ୍କୁ ସହାୟତ ଦେଇଥିଲେ ଅନ୍ୟ ଜଣେ ପୁରାତନ ଛାତ୍ର ବିଭୂତି ଭୂଷଣ ମହାରଣା। ଦୀର୍ଘ ଦିନ ବିଦ୍ୟାଳୟରେ ଭଗ୍ନ ଅବସ୍ଥାରେ ରହିଥିବା ଶୌଚାଳୟ ଅନୁପଯୋଗୀ ରହିଥିଲା। ବିଭାଗ ପକ୍ଷରୁ ଏହାର ନିର୍ମାଣ କରାଯିବା ନେଇ କୌଣସି ଉଚିତ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଶେଷରେ ବେଙ୍ଗାଲୁରର ଏକ ସଂସ୍ଥାରେ କାର୍ଯ୍ୟରତ ୧୯୯୫ ବ୍ୟାଚ୍‌ର ଛାତ୍ର ଅକ୍ଷୟ ତିନୋଟି ଶୌଚାଳୟ ନିର୍ମାଣ ଦାୟିତ୍ୱ ନେଇଥିଲେ। ତାଙ୍କୁ ସହାୟତ କରିଥିଲେ ୧୯୯୪ ବ୍ୟାଚ୍‌ର ଛାତ୍ର ବିଭୂତି। ନିର୍ମାଣ ସରିବା ପରେ ଶୁକ୍ରବାର ଏହାର ଉଦ୍‌ଘାଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ସଂପାଦକ ବିରୋଜ ବେନିଆ ଏବଂ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଶର୍ମିଳା ରଥ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ନିର୍ମିତ ହୋଇଥିବା ଏହି ଶୌଚାଳୟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ୭୬ ବାସହରା ପରିବାରକୁ ଟିଣ ବଣ୍ଟନ

**ପାରଳାଖେମୁଣ୍ଡି,୨୧।୧୨(ସ୍ୱ.ପ୍ର.)**

ତିତ୍‌ଲି ବାତ୍ୟାରେ ଗଜପତି ଜିଲା ରାୟଗଡ ବ୍ଲକର ବାରଘର ଗ୍ରାମରେ ସର୍ବାଧିକ କ୍ଷତିଗ୍ରସ୍ତ ଓ ଜୀବନହାନୀ ଘଟିଥିଲା। ଏହି ଗ୍ରାମରେ ଘରଭାଙ୍ଗି ବାସହରା ହୋଇପଡ଼ିଥିବା ୭୬ ପରିବାରକୁ ୭୬୦ଖଣ୍ଡ ଟିଣ ବଣ୍ଟନ କରାଯାଇଛି। ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ଏହା ପ୍ରଦାନ କରିଥିଲେ। ପୂର୍ବରୁ ଚାଉଳ, ସହାୟତା ରାଶି ସମେତ ଜରିପାଲ ଯୋଗାଇ ଦିଆଯାଇଥିଲା। ମାତ୍ର ଘର ଘୋଡାଇବା ପାଇଁ ତାହା ଯଥେଷ୍ଟ ହୋଇ ନ ଥିବାରୁ ଅନେକ ପରିବାର ଥଣ୍ଡା କାକରରେ ଜୀବନ ବିତାଉଥିଲେ। ଏବେ ଜିଲା ପ୍ରଶାସନ ସହାୟତାରେ ବିପନ୍ନ ପରିବାରଙ୍କୁ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ୱାର୍ଲଡ ଭିଜନ ଇଣ୍ଡିଆ ନାମକ ସ୍ୱେଚ୍ଛାସେବୀ ସଂସ୍ଥା ଟିଣ ଯୋଗାଇଦେଇଛି। ୭୬ଟି ପରିବାରକୁ ୩ଫୁଟ ଓସାର ଓ ୧୦ଫୁଟ ଲମ୍ବର ପ୍ରତି ପରିବାର ପିଛା ୧୦ଖଣ୍ଡ ଟିଣ ଦିଆଯାଇଛି। ଯାହାର ମୂଲ୍ୟ ପ୍ରାୟ ୮ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଆଗକୁ ଆହୁରି ୫ଶହ ଟିଣ ଯୋଗାଇ ଦିଆଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ରାୟଗଡ ବ୍ଲକ ଅଧକ୍ଷ ଧନେଶ୍ୱର ଭୂୟାଁ, ୱାର୍ଲଡ ଭିଜନ ଇଣ୍ଡିଆର କାର୍ଯ୍ୟକ୍ରମ ଅଧିକାରୀ ସୁକାନ୍ତ କୁମାର ନାଗ ଓ ସମ୍ପାଦକ ଜିହୋବ ଦାସବର୍ଦ୍ଧନ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ହକିତାରକା ପ୍ରବୋଧ ତିର୍କୀଙ୍କ ଗୁରୁମନ୍ତ୍ର

# 'ସ୍କୁଲସ୍ତରରୁ ହକିକୁ ପ୍ରୋତ୍ସାହନ ମିଳୁ'

**ଦାମନଯୋଡି,୨୧।୧୨(ଡି.ଏନ୍.ଏ.)**

ଭାରତର କଥିତ ଜାତୀୟ ଖେଳ ହକିକୁ ସ୍କୁଲସ୍ତରରୁ ପ୍ରୋତ୍ସାହନ ସହ ଅଧିକ ପ୍ରଚାର ପ୍ରସାର ଦରକାର। ସେହିଭଳି ଅଧିକ ପ୍ରାୟୋଜକ ଆଗେଇ ଆସିଲେ ନୂଆ ପିଲା ହକି ଖେଳ ପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି ବିଶିଷ୍ଟ ହକି ତାରକା ପ୍ରବୋଧ ତିର୍କୀ ମତବ୍ୟକ୍ତ କରିଛନ୍ତି। ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିଭାବେ ଯୋଗଦେବାକୁ ଆସିଥିବା ବେଳେ ନାଲ୍‌କୋ ଖେଳ ନିବାସରେ ତାଙ୍କୁ ସ୍ଥାନୀୟ ଖବରଦାତାମାନେ ଭେଟି ହକି ଖେଳକୁ ନେଇ ବିଭିନ୍ନ ଆଲୋଚନା କରିଥିଲେ। ୨୦୧୮ ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍ ଖେଳ ବିଷୟରେ ପ୍ରତିକ୍ରିୟା ଦେଇ ପ୍ରବୋଧ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ଓଡ଼ିଶାର ଦର୍ଶକ ଓ ଜନସାଧାରଣଙ୍କ ଉତ୍ସାହ ଦେଖିଲେ ଏହି ଖେଳ ପ୍ରତି ଅଧିକ ପିଲା ଆଗ୍ରହ ରଖୁଥିବା ଜଣାଯାଏ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମର ହକି ପଡିଆ ଦେଖିଲେ ମୋର ମଧ ଖେଳିବାକୁ ଇଚ୍ଛା ହେଉଛି ବୋଲି ପ୍ରବୋଧ କହିଛନ୍ତି। ଦର୍ଶକଙ୍କ ଆଗ୍ରହ ଖେଳାଳିଙ୍କ ମନୋବଳ ବଢ଼ାଇଥାଏ। ବିଶ୍ୱକପ୍‌ରେ ୫୦ ପ୍ରତିଶତ ଦର୍ଶକ ହକି ଖେଳ ବିଷୟରେ ନ ଜାଣି ମଧ ଏହା ଦେଖିବାକୁ ଆସିଥିଲେ। ଯାହା ଆଗାମୀ ପିଢ଼ି ପାଇଁ ଶୁଭ ସୂଚନା ବୋଲି ସେ ମତ ଦେଇଛନ୍ତି। ପଡ଼ିଆରେ ଖେଳ ଦେଖି ଅଭିଜ୍ଞତା ଅର୍ଜନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଲାଇଭ ଖେଳ ଦେଖିଲେ ନୂଆ କୌଶଳ ଶିଖିବେ। ଏହା କ୍ୟାରିୟରକୁ ମଜଭୁତ କରିବ ବୋଲି ସେ ମତ ଦେଇଛନ୍ତି। ନିଜର ଭବିଷ୍ୟତ ହକି କ୍ୟାରିୟର ବିଷୟରେ ପ୍ରବୋଧ କହିଛନ୍ତି, ସରକାରଙ୍କ ସହଯୋଗ ମିଳିଲେ ଏକ ହକି ଏକାଡ଼େମୀ କରି ନୂଆ ପିଲାଙ୍କୁ ତାଲିମ ଦେବେ। ଦାମନଯୋଡ଼ିରେ ନାଲ୍‌କୋ ପ୍ଲାଣ୍ଟ ଓ ମାଇନ୍‌ସ ସହ ଆଖପାଖ ଅଞ୍ଚଳ ବୁଲିଥିଲେ। ମନୋରମ ପ୍ରାକୃତିକ ପରିବେଶ ସହ ପାଣି ପାଗ ଦେଖି ତାଙ୍କୁ ମନାଲିରେ ବୁଲିବା ଭଳି ଲାଗୁଛି ବୋଲି ପ୍ରବୋଧ କହିଥିଲେ।

# ଛାତ୍ରୀଛାତ୍ର ସବୁ ଦିନ ସ୍କୁଲ ଯିବା ଉପରେ ଗୁରୁତ୍ୱ

**ପାରଳାଖେମୁଣ୍ଡି, ୨୧।୧୨(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ରବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରର ସମ୍ମିଳନୀ କକ୍ଷରେ ପ୍ରଶାସନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ତଥା ୟୁନିସେଫ ସହାୟତାରେ ସବୁଦିନ ସ୍କୁଲ ଯିବା ଅଭିଯାନ ଅବସରରେ ଶୁକ୍ରବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଂସ୍କୃତି ଅଧିକାରୀ ରବିଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ଅନୁପମ ଶାହା ଯୋଗଦେଇ କହିଥିଲେ ଯେ, ସବୁଦିନ ସ୍କୁଲ ଯିବା ଅଭିଯାନ ହେଉଛି ରାଜ୍ୟ ସରକାରଙ୍କ ଏକ ଆଦର୍ଶ ଓ ଯୁଗାନ୍ତକାରୀ ପଦକ୍ଷେପ। ପିଲାମାନେ ପାଠ ପ୍ରତି କିପରି ଆକୃଷ୍ଟ ହେବେ ତାହା ହିଁ ମୁଖ୍ୟ ଉଦ୍ଦେଶ୍ୟ। ଶିକ୍ଷା ଏକ ବଡ ଅସ୍ତ୍ର ହୋଇଥିବାବେଳେ ଏହାକୁ ଅଧିକ ଶାଣିତ କରିବା ଆବଶ୍ୟକ। ଜିଲାରେ ଶିକ୍ଷାକୁ ଆଗେଇନେବା ପାଇଁ ସାଂସ୍କୃତିକ ଦଳ ଓ କଳାକାରଙ୍କ ସହଯୋଗ ଲୋଡାଯାଇଛି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କାର୍ଯ୍ୟକ୍ରମ ସଂଯୋଜକ ବାସୁଦେବ ମାଳବିଶୋୟୀ, ରାଜ୍ୟ ସଦସ୍ୟ ଅବନୀ ମିଶ୍ର, ରାଜ୍ୟ ଅଭିଯାନ ସଂଯୋଜକ ଲୋକନାଥ ଜଗତ ଯୋଗଦେଇ ୧୦ଟି ଜିଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା କହିଥିଲେ। ପାଠ ପଢିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା ମିଳୁଥିବା ସତ୍ତ୍ୱେ ପିଲାଙ୍କ ଉପସ୍ଥାନ କମ ରହିବାର କାରଣ ଓ ପାଠ ନ ପଢିବା ଦ୍ୱାରା ମାନବ ସମ୍ବଳର ବିକାଶ କିପରି ପ୍ରଭାବିତ ହେଉଛି ସେନେଇ ଆଲୋଚନା ହୋଇଥିଲା।

# ଜୋନସ୍ତରୀୟ ୱାର୍ଡ଼ କମିଟି ବୈଠକ

**କୋରାପୁଟ/ନାରାୟଣପାଟଣା, ୨୧।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ନାରାୟଣପାଟଣାରେ ଶୁକ୍ରବାର ଜୋନସ୍ତରୀୟ ୱାର୍ଡ଼ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି ୱାର୍ଡ଼ କମିଟିର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ। ବ୍ଲକ ବିଜେଡି ସଭାପତି ଏସ୍. ଏଗି ନାରାୟଣଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦ ସଭ୍ୟ ଲଳିତ ନାରାୟଣ ପରିଡ଼ା, ଏମ୍‌ପି ପ୍ରତିନିଧି ଖ୍ରୀଷ୍ଟ ଗରଡ଼ା, ଜିଲା ମହିଳା ମୋର୍ଚ୍ଚା କାର୍ଯ୍ୟକାରୀ ସଭାପତି ରିତା ପାଣିଗ୍ରାହୀ, କେ. ସାଇରାଜୁ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସବୁ ସ୍ଥାନରେ ୱାର୍ଡ଼ କମିଟି ବୈଠକ ପ୍ରତି ମାସରେ କରାଯାଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯିବ।

## ସଂକ୍ଷେପରେ

ଲକ୍ଷେ ଦେଲେ ଦଶ ଲକ୍ଷ ମିଳିବ କହି ଲୁଟ୍

### କେରଳରେ ମିତ୍ରତା ପରେ ୬୪ ହଜାର, ସୁନା ଲୁଟି ନେଲେ

ଭଞ୍ଜନଗର,୨୧।୧୨(ଡି.ଏନ.ଏ.)- ନୟାଗଡ ଅଞ୍ଚଳର ଜଣେ ଯୁବକ ଭଞ୍ଜନଗର ଥାନା ଗୁଡ଼ିପଲ୍ଲୀର କେଶବ ସାହୁଙ୍କ ସହ କେରଳରେ କାମ କରୁଥିବା ସମୟରେ ସମ୍ପର୍କ ବଢ଼ିଥିଲା। ଏହାପରେ ଅଭିଯୁକ୍ତ ଜଣଙ୍କ ଲକ୍ଷେ ଟଙ୍କା ଅଗ୍ରୀମ ଦେଲେ ୧୦ ଲକ୍ଷ ଟଙ୍କା ଋଣ ମିଳିବ ବୋଲି କେଶବଙ୍କୁ କହିଥିଲେ। କିଛିଦିନ ପୂର୍ବେ କେଶବ ଓ ଅଭିଯୁକ୍ତ ଜଣଙ୍କ ମିଶି ଗୁଡ଼ିପଲ୍ଲୀ ଫେରି ଏକାଠି ରହୁଥିଲେ। କେଶବ ପ୍ରାୟ ୬୪ ହଜାର ଟଙ୍କା ସଂଗ୍ରହ କରି ରଖିଥିଲେ। ଏହିଭଳି ପରିସ୍ଥିତିରେ ଗତ ୧୨ ତାରିଖ ରାତିରେ ଅଭିଯୁକ୍ତ ଜଣଙ୍କ ୬୪ ହଜାର ଟଙ୍କା ଓ ଗୋଟିଏ ସୁନାମାଳି ଲୁଟି ଫେରାର ହୋଇଯାଇଥିଲେ। ଲୋକ ଲଜ୍ୟାରୁ ରକ୍ଷା ପାଇବା ପାଇଁ କେଶବ ପ୍ରଥମେ ଘଟଣା ସମ୍ପର୍କରେ କାହାକୁ ନ କହି ନୀରବ ରହିଥିଲା। ଗୁରୁବାର ରାତିରେ କେଶବଙ୍କ ସ୍ତ୍ରୀ ରଜନୀ ଏନେଇ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ବୃତ୍ତି ପରୀକ୍ଷାରେ ଛାତ୍ରଙ୍କ ସଫଳତା

କନିଷ୍ଠି,୨୧।୧୨(ଡି.ଏନ.ଏ.)-ରଙ୍ଗେଇଲୁଣ୍ଡା ବ୍ଲକ କନିଷି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ଲକ କଲୋନୀରେ ୨ ଛାତ୍ରୀଛାତ୍ର ଆଦିତ୍ୟ କୁମାର ମହାନ୍ତି ଓ ମଧୁସ୍ମିତା ପାତ୍ର ୨୦୧୮ ମସିହା ପାଇଁ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି । ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ର, ଏବିଇଓ ଶୁକଦେବ ମହନ୍ତ, ଲୋକନାଥ ପାଢ଼ୀ, ରବି ନାରାୟଣ ତ୍ରିପାଠୀ, ବିଡିଓ କୁମାର ନାଗଭୂଷଣ, ବ୍ଲକ ଉପାଧକ୍ଷ ଅଜିତ କୁମାର ଦାଶ, ପ୍ରଧାନ ଶିକ୍ଷୟିତ୍ରୀ କୁସୁମ କୁମାରୀ ପାଢ଼ୀ, ସଭାପତି ଲକ୍ଷ୍ମୀ ମହାରଣାଙ୍କ ସମେତ ସମସ୍ତ ଶିକ୍ଷା କମିଟି ସଦସ୍ୟ, ଶିକ୍ଷୟତ୍ରୀ ଶିକ୍ଷକ କୃତି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

■ପୋଲିସ, ଅବକାରୀ ବିଭାଗର ଚଢ଼ାଉ

# ବିପୁଳ ପରିମାଣର ପୋଚ ନଷ୍ଟ, ଦେଶୀମଦ ଜବତ

### ବ୍ୟବସାୟୀଙ୍କ ଟେର୍ ପାଉନି ଅବକାରୀ ବିଭାଗ

ଗୋପାଳପୁର,୨୧।୧୨

ଗୋଳନ୍ଥରା ଥାନା ଇନ୍ଦ୍ରାକ୍ଷୀ ଓ ତୁଲୁ ଗ୍ରାମରେ ବ୍ୟାପକ ଚୋରା ଦେଶୀମଦ ପ୍ରସ୍ତୁତ ଓ ବିକ୍ରି ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଅବକାରୀ ବିଭାଗ ଓ ପୋଲିସ ଶୁକ୍ରବାର ମିଳିତ ଭାବେ ଚଢ଼ାଉ କରିଛନ୍ତି। ଇନ୍ଦ୍ରାକ୍ଷୀ ଗ୍ରାମର କିଆବାଡ଼ ନିକଟରେ ଦେଶୀମଦ ପ୍ରସ୍ତୁତି ଚାଲିଥିବା ବେଳେ ଚଢ଼ାଉ କରି ବହୁ ପରିମାଣର ମଦପୋଚ ସହ ଦେଶୀମଦ ଜବତ କରିଛି। ତେବେ ମଦ ପ୍ରସ୍ତୁତକାରୀଙ୍କ ପାଖରେ ପହଞ୍ଚି ପାରିନାହିଁ। ପୂର୍ବାହ୍ନରେ ଅବକାରୀ ବିଭାଗର ଚଢ଼ାଉ ସମୟରେ ୩ହଜାର ୬୦୦ ଲିଟର ମଦପୋଚ ନଷ୍ଟ କରାଯିବା ସହ ୫୦ ଲିଟର ଦେଶୀ ମଦ ଜବତ କରି ଅବକାରୀ କର୍ମଚାରୀମାନେ ଭାଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲେ। ବିଭିନ୍ନ ସମୟରେ ପୋଲିସ ଚଢ଼ାଉ କରି ମଦ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ



ଜବତ ହୋଇଥିବା ମଦ ପୋଚ।

ସକ୍ଷମ ହେଉଥିବାବେଳେ ଅବକାରୀ ବିଭାଗ ଚଢ଼ାଉ ବେଳେ ମଦ ବ୍ୟବସାୟୀଙ୍କ ଟେର ପାଉ ନ ଥିବା ବିଭାଗର ପାରିବା ପଣିଆ ପଦାରେ ପକାଇଛି। ପ୍ରକାଶ ଯେ, ଏହି ଅଞ୍ଚଳ ଚୋରା ମଦର ପେଣ୍ଠସ୍ଥଳୀ ପାଲଟିଛି। ଏଠାରୁ ମଦ ପ୍ରସ୍ତୁତ ହୋଇ ଗୋଳନ୍ଥରା, ଛେଳିଆ, ଶାସନପଦର, ବିଶ୍ୱନାଥପୁର ଓ ଆଖପାଖ ଅଞ୍ଚଳରେ ବିକ୍ରି କରାଯାଉଛି। ବିଭାଗୀୟ କର୍ମଚାରୀଙ୍କୁ ହାତକରି ଏପରି ହେଉଥିବା ସାଧାରଣରେ ଆଲୋଚନା ହେଉଛି।

# ଆନ୍ଧ୍ରରେ ରେଳଧାରଣା କଡରୁ ଓଡ଼ିଆ ଯୁବକଙ୍କ ମୃତଦେହ ଉଦ୍ଧାର

ହାତୀଓଟ,୨୧।୧୨

ଆନ୍ଧ୍ରପ୍ରଦେଶର ବିଶାଖାପାଟ୍ନମ୍ ରେଳଷ୍ଟେସନ୍‌ରୁ ୧୫ କି.ମି ଦୂରରେ ଜଣେ ଯୁବକଙ୍କ ମୃତଦେହକୁ ରେଳବାଇ ପୋଲିସ ଉଦ୍ଧାର କରିଛି। ସେ ହେଲେ ପୋଲସରା ବ୍ଲକ ରୁମାଗଡ ମଇସାହିର ପ୍ରଶାନ୍ତ କୁମାର ସାହୁ। ପ୍ରଶାନ୍ତଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆଣିବାର ବ୍ୟବସ୍ଥା କରୁଛନ୍ତି। ସେ ବିଶାଖାପାଟ୍ନମ୍ ନିକଟସ୍ଥ ମୁନ୍ନାଙ୍ଗି ସି ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଷ୍ଟୋର୍‌ବଏ ଭାବେ ବର୍ଷେ ହେଲା କାମ କରୁଥିଲେ। ପୁଅର ପ୍ରଥମ ଜନ୍ମ ବାର୍ଷିକ ଉତ୍ସବରେ ଯୋଗଦେବା ପାଇଁ ଗୁରୁବାର ବିଶାଖାପାଟ୍ନମ୍‌ରୁ କରମଣ୍ଡଳ ଏକ୍ସପ୍ରେସ୍ ଯୋଗେ ଗାଁକୁ ଆସୁଥିଲେ। କୌଣସି କାରଣରୁ ସେ ଟ୍ରେନ୍‌ରୁ ଖସିପଡିଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପୁର୍ଣ୍ଣଚନ୍ଦ୍ର ଖଟୁଆ, ସମାଜସେବୀ ବିଦେଶି ସାମଲ ପ୍ରମୁଖ ମୃତକ ପରିବାରକୁ ସମବେଦନା ଜଣାଇଛନ୍ତି।












2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ